**ଲୋକ ମହୋତ୍ସବର ତୃତୀୟ ଦିବସ**

# ଚିତ୍ରକଳା ପ୍ରଦର୍ଶନୀରେ ପ୍ରବଳ ଭିଡ଼







**ସମ୍ବଲପୁର, ୬ ।୧(ସମିସ)**

ସମ୍ବଲପୁର ଲୋକ ମହୋତ୍ସବ ତୃତୀୟ ଦିବସରେ ଲୋକନୃତ୍ୟ କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ସମସ୍ତ ଉଦ୍‌ଘୋଷକମାନେ ମଞ୍ଚକୁ ଆସି ନିଜ ପରିଚୟ ଦେଇଥିଲେ । ବୀରୂପାକ୍ଷ ପ୍ରଧାନ, ଉମାଶଙ୍କର ଦାସ, ଅର୍ଚ୍ଚିକା ପ୍ରିୟଦର୍ଶିନୀ ପଣ୍ଡା, ଗଣେଶ ମେହେର, ସ୍ୱାଗତିକା ପଣ୍ଡା, ସୁଶ୍ରୀ ପାଣିଗ୍ରାହୀ, ଜ୍ୟୋତିରାଦିତ୍ୟ ମହାନ୍ତି, ହରଲିନ କୌର, ମାନସ ରଞ୍ଜନ ମିଶ୍ର, ମୀମାଂସା ପ୍ରିୟଦର୍ଶିନୀ ରଥ, ସ୍ୱାଗତ ବିଶ୍ୱାଳ, ଲକ୍ଷ୍ମୀପ୍ରିୟା ପତି, ସ୍ମୃତିରେଖା ଆଚାର୍ଯ୍ୟ, ଗୀତାଞ୍ଜଳି ନାଏକ ଲୋକନୃତ୍ୟ ପର୍ଯ୍ୟାୟରେ ପ୍ରଥମେ ସମ୍ବଲପୁର କହର ଅନୁଷ୍ଠାନର କଳାକାରମାନେ ଚପକରାଟି ନାଚ ପ୍ରଦର୍ଶିତ କରିଥିଲେ । ଏହାପରେ ଆସାମର ବଡୋ ନାଚ, ଗଞ୍ଜାମର ଶଙ୍ଖ ରଣପା ପରିବେଶିତ ହୋଇଥିଲା ଏଥିରେ ନର୍ତ୍ତକମାନେ ଶଙ୍ଖ ବାୟନ ପୂର୍ବକ ଆନେକ ଶାରିରୀକ କଳାକୌଶଳ ପ୍ରଦର୍ଶନ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ସନ୍ଧ୍ୟା ସଭାରେ ପଦ୍ମଶ୍ରୀ ଜିତେନ୍ଦ୍ରିୟ ହରିପାଲ, ଏଡିଏମ ଅଜାମ୍ବର ମହାନ୍ତି, ମାନେଶ୍ୱର ବ୍ଲକ ଅଧକ୍ଷା ରୁକ୍ମଣୀ ମହାନନ୍ଦ, ଜେପିସିଂଙ୍କ ସହ ସଂଯୋଜକ ପ୍ରଫୁଲ୍ଲ ହୋତା ସହ ସଂଯୋଜକ ରଞ୍ଜନ ସାହୁ ମା'ସମଲେଇଙ୍କ ଠାରେ ଦୀପ ପ୍ରଜ୍ୱଳନ କରିଥିଲେ । ସହ ସଂଯୋଜକ ସଭା ସଂଯୋଜନା କରିଥିଲେ । ଏଡିଏମ ଶ୍ରୀ ମହାନ୍ତି ମହୋତ୍ସବ ଲୁଚିଯାଉଥିବା ଲୋକକଳାକୁ ବଞ୍ଚାଇବାରେ ସହାୟକ ହେଉଛି ବୋଲି କହିଲେ, ଜେଏସଡବ୍ଲ୍ୟୁର ଏଚଆର ଶ୍ରୀ ସିଂ ସମ୍ବଲପୁରର ନାମ ଲୋକ ସଂସ୍କୃତିକୁ ନେଇ ସମଗ୍ର ଦେଶରେ ଜଣାଶୁଣା ବୋଲି କହିଥିଲେ । ଶ୍ରୀମତୀ ମହାନନ୍ଦ ମହାନ ସଂସ୍କୃତି ସମ୍ପନ୍ନ ସମ୍ବଲପୁରରେ ଜନ୍ମ ନେବା ଗର୍ବର ବିଷୟ ବୋଲି କହିଥିଲେ ।ଏହି ଅବସରରେ ଆବାହକ ଲଳିତ ମୋହନ ବେବର୍ତ୍ତା ଓ ସହ ଆବାହକ ଅଜୟ କୁମାର ନାଥଙ୍କ ଆବାହକତ୍ୱରେ ଲୋକନୃତ୍ୟ ଗୁରୁ ସୁରଥ ନାଏକ ଓ ଲୋକସାହିତ୍ୟ ସକାଶେ ସତ୍ୟନାରାୟଣ ବାଗଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହାପରେ ସମସ୍ତ ଉପସମିତିର ଆବାହକ ଓ ସହ ଆବାହକଙ୍କୁ ଏବଂ ଉପଦେଷ୍ଟା ମଣ୍ଡଳିର ସଦସ୍ୟଙ୍କୁ ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ମାମୁନି ଆଚାର୍ଯ୍ୟ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଡ.ସତ୍ୟନାରାୟଣ ତାଣ୍ଡିଙ୍କ ସମେତ ସଂଯୋଜକ ଓ ସହ ସଂଯୋଜକଙ୍କୁ ମଞ୍ଚକୁ ଆମନ୍ତ୍ରଣ କରି ସମ୍ମାନିତ କରାଯାଇଥିଲା । ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ବେଦଭୂଷଣ ମଧ ଉପସ୍ଥିତ ଥିଲେ ।ଏହାପରେ ଝାରଖଣ୍ଡର ପୁରୁଲିଆ ଛଉ, ଭରନି କଳା ପରିଷଦ ସମ୍ବଲପୁରର ବଜନିଆ, ହରିୟାଣାର ଘୁମର, ସୁନ୍ଦରଗଡ଼ କୁଡ଼ାର କରମା ଓ ନାଦୋ କିଷାନ ନାଚ, ବଲାଙ୍ଗିରର ଘୁଡକା, ସିକ୍କିମର ନେପାଳି ନାଚ, ଭାରତି କଳା ବିକାଶ କେନ୍ଦ୍ରର ରସରକେଲୀ, ମହାରାଷ୍ଟ୍ରର ଲାବଣୀ, ଆସାମର ବିହୁ, ଗୁଜୁରାଟର ସିଦ୍ଧିଧମାଲ, ପରିବେଷଣ ପରେ ଗୁରୁ ଆଲୋକ କୁମାର ପଣ୍ଡା ଓ କୃଷ୍ଣଚନ୍ଦ୍ର ବାଗଙ୍କ ସଂଯୋଜନାରେ ସମସ୍ତ ନୃତ୍ୟଦଳଙ୍କୁ ନେଇ ସମବେତ ନୃତ୍ୟ ପ୍ରଦର୍ଶିତ ହୋଇଥିଲା । ଚଳିତ ବର୍ଷର ଫଟୋ ଓ ଚିତ୍ରକଳା ପ୍ରଦର୍ଶନିରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା ।

## ଆଲୋଚନାଚକ୍ର ଓ କବି ସମ୍ମିଳନୀ




ଆଲୋଚନାଚକ୍ରର ନୋଡାଲ ଅଫିସର ରବୀନ୍ଦ୍ର ଦଲାଇ ଏବଂ ଅଧିକାରୀ କିରନ ବେହେରା ଓ ଆବାହକ ଅତିଶ କୁମାର ଶତପଥୀ ଉଦ୍‌ଘାଟନ କରିଥିଲେ । ଆଲୋଚନାର ବିଷୟ 'ପଶ୍ଚିମ ଓଡ଼ିଶା ଲୋକ ସାହିତ୍ୟର ବିଭାବ ଉପରେ ଆଲୋଚନା ହୋଇଥିଲା । ଡ.ପରୀକ୍ଷିତ ଭୋଇ ଲୋକଗାଥା, ଅଖିଳ ବିଶ୍ୱାଳ ଲୋକ ସାହିତ୍ୟରେ ରହିଥିବା ଅନେକ ଦୃଷ୍ଟାନ୍ତ ପ୍ରଦାନ କରିଥିଲେ । ଦ୍ୱିତୀୟ ଅଧିବେଶନରେ କବି ତଫିଜୁଲ ହୋସେନ ଓ କବି ବିଭୂତି ମିଶ୍ରଙ୍କ ସଂଯୋଜନାରେ କବି ସମ୍ମିଳନୀ ଆୟୋଜିତ ହୋଇଥିଲା ଏଥିରେ ଉଭୟ ସମ୍ବଲପୁରୀ ଓ ଓଡିଆରେ କବିତା ଗୁଡିକ ନେଇ ବହୁ କବି ଅଂଶ ଗ୍ରହଣ କରିଥିଲେ । ଲୋକଗୀତ କାର୍ଯ୍ୟକ୍ରମରେ ପଥମ ଗୀତ ମର୍ଦ୍ଦଳ ଶୈଳୀରେ ମିତ୍ରଭାନୁ ଗୌନ୍ତିଆଙ୍କ'କେନେ କାଟେ କାନ କୁଟୁରୁ' ପରିବେଷଣ କରିଥିଲେ ବିଭୂତି ପଟ୍ଟନାୟକ, ସୌମ୍ୟଜିତ ସୌମିତ୍ରି ବଡପଣ୍ଡା । ଏହାପରେ ନେଇ ଆସିଲେ ଡଣ୍ ଶୈଳୀରେ'ବଏଁଶୀ ମୋର କିଏ ଚୁରେଇ ନେଲା', ଲୋକଗୀତ ପର୍ଯ୍ୟାୟର ତୃତୀୟ ଅର୍ଘ୍ୟ ଥିଲା ଲିପିକା ବିଭାରଙ୍କ ମାଦଲ ଶୈଳୀର 'ମଲିଫୁଲ ଜହ୍ନକ ରାତି', 'ବନ୍ଧ ଖଁଡି' ଦୁଷ୍ମନ୍ତ ସୁନାଙ୍କ ଲିଖିତ ଓ ତାଙ୍କ ଦ୍ୱାରା ଗାନ କରାଯାଇଥିଲା । କାର୍ଯ୍ୟକ୍ରମର ସଙ୍ଗୀତ ପରିଚାଳନା ତଥା ନିର୍ଦ୍ଦେଶନା ଦେଇଥିଲେ ଗୁରୁ ରତନ କୁମାର ପୂଜାହାରୀ । ସମ୍ବଲପୁରର ଐତିହ୍ୟ ଓ ପର୍ଯ୍ୟଟନ ଉପରେ ଲୋକ ମହୋତ୍ସବ ତଥ୍ୟ ସଂଗ୍ରହ ଉପସମିତି ପକ୍ଷରୁ ଆଶିଷ କୁମାର ପ୍ରଧାନଙ୍କ ଆବାହତ୍ୱରେ ପ୍ରସ୍ତୁତ ଏକ ବୃତ୍ତଚିତ୍ର ମଞ୍ଚରେ ପ୍ରଦର୍ଶିତ ହୋଇଥିଲା ।

## ସମ୍ବଲପୁର ସହରରେ ଶିଖ୍ ସମ୍ପ୍ରଦାୟର ଶୋଭାଯାତ୍ରା

**ସମ୍ବଲପୁର, ୬।୧(ସମିସ):** ସମ୍ବଲପୁରରେ ଶିଖ୍ ସମ୍ପ୍ରଦାୟ ପକ୍ଷରୁ ଧର୍ମଗୁରୁ ଗୁରୁ ଗୋବିନ୍ଦ ସିଂଙ୍କ ଜୟନ୍ତୀ ପାଳନ କରାଯାଇଥିଲା ।ଏହି ଅବସରରେ ମୋଦିପଡ଼ା ଗୁରୁଦ୍ୱାରା ଠାରୁ ଶୋଭାଯାତ୍ରା ଆରମ୍ଭ କରାଯାଇ ସହର ବିଭିନ୍ନ ଅଞ୍ଚଳ ପରିକ୍ରମା କରି କ୍ଷେତରାଜପୁର ତିବାରିଗଲା ଠାରେ ଥିବା ଗୁରୁଦ୍ୱାରା ଠାରେ ସମାପ୍ତ ହୋଇଥିଲା । ମୋଦିପଡ଼ା ଗୁରୁଦ୍ୱାରା ପ୍ରବନ୍ଧକ କମିଟିର ସବୁ ପଦାଧିକାରୀଙ୍କ ସମେତ ଶିଖ ସମ୍ପ୍ରଦାୟର ସମ୍ବଲପୁର ପକ୍ଷରୁ ସବୁ ବିଶିଷ୍ଟ ବ୍ୟକ୍ତି ତଥା ଗୁରୁ ନାନକ ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ସମ୍ବଲପୁର ଗୋଲବଜାର ଛକ ଠାରେ ସନ୍ଧ୍ୟାରେ ସମ୍ବଲପୁର ଜିଲ୍ଲା ବିଜେପି ପକ୍ଷରୁ ଜିଲ୍ଲା ସଭାପତି ଗିରିଶ ପଟେଲଙ୍କ ନେତୃତ୍ୱରେ ଜିଲ୍ଲା ବିଜେପିର ପ୍ରତିନିଧି ଦଳ ଶୋଭାଯାତ୍ରାକୁ ସ୍ୱାଗତ କରିଥିଲେ ।



## ପଦବୀ ଉଚ୍ଛେଦକୁ ନେଇ ଏସ୍ୟୁରେ ପ୍ରତିବାଦ

**ବୁର୍ଲା/ସମ୍ବଲପୁର, ୬ ।୧(ସମିସ):** ସାରା ରାଜ୍ୟରେ ବିଭିନ୍ନ ବିଶ୍ୱବିଦ୍ୟାଳରେ କାର୍ଯ୍ୟ କରୁଥିବା ପଦବୀ ସଂଖ୍ୟା ହ୍ରାସ କରାଯିବ ।ଏନେଇ ସୋମବାର ରାଜ୍ୟ ସରକାରଙ୍କର ଉଚ୍ଚଶିକ୍ଷା ବିଭାଗ ଏକ ବିଜ୍ଞପ୍ତି ଜାରି କରିଛି । ଏଥିରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ସେକ୍ସନ ଅଫିସର, ସିନିୟର ଆସିଷ୍ଟାଣ୍ଟ, ଜୁନିୟର ଆସିଷ୍ଟାଣ୍ଟକୁ ମିଶାଇ ମୋଟ ୧୧୭ଟି ପଦବୀ ଉଚ୍ଛେଦ ବା ବିଲିନ ହେବା ନେଇ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି । ପୂର୍ବରୁ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ୩୭ଟି ସେକ୍ସନ ଅଫିସର ପଦବୀ ରହିଥିବା ବେଳେ ୨୫ଟି ପଦବୀ ବିଲିନ ହୋଇ ୧୨ଟି ରହିବ । ସେହିପରି ସିନିୟର ଆସିଷ୍ଟାଣ୍ଟ ପଦବୀ ୮୧ଟି ରହିଥିବା ବେଳେ ତାହା ୬୧ଟି ହ୍ରାସ ପାଇ ୨୦ଟି ରହିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି । ସେହିପରି ଜୁନିୟର ଆସିଷ୍ଟାଣ୍ଟ ପଦବୀକୁ ୬୯ରୁ ଖସାଇ ୩୮ କରିଦିଆଯାଇଛି । ତେବେ ସମସ୍ତ ପଦବୀରୁ ୧୧୭ଟି ପଦବୀକୁ ଉଚ୍ଛେଦ କରାଯାଇଥିବାରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ।ଏନେଇ ସମ୍ବଲପୁର ବିଶ୍ୱବଦ୍ୟାଳୟର କର୍ମଚାରୀ ମହାସଂଘ ବିଶ୍ୱବିଦ୍ୟାଳୟ ପରିସରରେ ପ୍ରତିବାଦ କରି ନିଷ୍ପତ୍ତିକୁ ବିରୋଧ କରିବା ସହ ପୁନଃବିଚାର ପାଇଁ ଦାବି କରିଛି ।



## ଭାରତୀୟ ମାନକ ବ୍ୟୁରୋର ପ୍ରତିଷ୍ଠା ଦିବସ

**ବୁର୍ଲା, ୬ ।୧(ସମିସ):** ବୁର୍ଲା ସ୍ଥିତ ଭିସୁଟ ପରିସରରେ ଭାରତର ସରକାରଙ୍କର ଉପଭୋକ୍ତା ବ୍ୟାପାର ଖାଦ୍ୟ ଓ ସାର୍ବଜନୀନ ବିତରଣ ମନ୍ତ୍ରାଳୟ ଭାରତୀୟ ମାନକ ବ୍ୟୁରୋ ବା ବିଆଇଏସର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ପ୍ରତିବର୍ଷ ଜାନୁଆରୀ ୭ ତାରିଖରେପ୍ରତିଷ୍ଠା ଦିବସ ପାଳନ କରାଯାଇଥାଏ । ଭାରତୀୟ ମାନକ ବ୍ୟୁରୋର ନୋଡାଲ ଅଫିସର ପ୍ରଫେସର ରାକେଶ ରୋସନ ଦାସଙ୍କ ତତ୍ତ୍ୱାବଧାନରେ ସିଡିସିଇ ଡିନ୍ ପ୍ରଫେସର ଗଣେଶ୍ୱର ନାଥଙ୍କ ମିଳିତ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମକୁ ଭିସୁଟର ଭାରପ୍ରାପ୍ତ କୁଳପତି ପ୍ରଫେସର ବିବି ପତି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ବିଭିନ୍ନ ସରକାରୀ ତଥା ବେସରକାରୀ ଅନୁଷ୍ଠାନର ଛାତ୍ରଛାତ୍ରୀ ଆସି ନିଜର ପ୍ରକଳ୍ପ ପ୍ରଦର୍ଶନ କରିଥିଲେ । ସର୍ବୋତ୍ତମ ପ୍ରକଳ୍ପ ଚୟନ ହେବା ପରେ ଭାରତୀୟ ମାନକ ବ୍ୟୁରୋ ପକ୍ଷରୁ ଅର୍ଥରାଶି ତଥା ପୁରସ୍କାର ପ୍ରଦାନ କରାଯାଇଥିଲା ।




## ଦୁର୍ଘଟଣାରେ ଯୁବକ ମୃତ, ଜଣେ ଗୁରୁତର

**ରେଢ଼ାଖୋଲ, ୬ ।୧(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ କୁକୁଡ଼ାବାହାଲି ପଞ୍ଚାୟତ ଝିଙ୍କିଦାଦର ଗ୍ରାମ ନିକଟରେ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି । ମୃତ ଯୁବକ କୁକୁଡାବାହାଲି ଗ୍ରାମର ସୁରେଶ ବାଜେଣି ଓ ଆହତ ଜଣକ ପ୍ରଦୀପ ସାହୁ । ସୂଚନା ଯୋଗ୍ୟ ଯେ ଉକ୍ତ ଯୁବକମାନେ ବାଇକ୍ ଯୋଗେ କୌଣସି କାମରେ ତାଳପଦର ଗ୍ରାମକୁ ଘରକୁ ଫେରୁଥିବା ସମୟରେ ବାଇକ୍ ଭାରସାମ୍ୟ ହରାଇ ଗଛରେ ପିଟି ହୋଇଥିଲେ । ଫଳରେ ଘଟଣାସ୍ଥଳରେ ସୁରେଶ ବାଜେଣୀଙ୍କ ମୃତ୍ୟୁ ହୋଇଥିଲା । ଆହତ ପ୍ରଦୀପ ସାହୁଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି ।

## ବୁଧବାର ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ

**ବୁର୍ଲା, ୬ ।୧(ସମିସ):** ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରକ କମ୍ପାନୀ(ଟିପିଡବ୍ଲ୍ୟୁଓଡିଏଲ୍) ପକ୍ଷରୁ ୧୩୨/୩୩ କେ.ଭି. ସମ୍ବଲପୁର ଗ୍ରୀଡ୍ ସବଷ୍ଟେସନରେ ରକ୍ଷଣାବେକ୍ଷଣ କାର୍ଯ୍ୟ ଲାଗି ବୁଧବାର ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ । ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ଚେରୁଆପଡ଼ା, ଝାଉଆପଡ଼ା, ବଡ଼ବଜାର, ବଲବସପୁର, ବାଲିବନ୍ଧା, ବରମୁଣ୍ଡା, ଭାଲୁପାଲି, ଫାର୍ମ ରୋଡ୍, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, କାଇଁସିର୍ ରୋଡ଼, ଏନ.ଗୁହା ଲେନ୍, ପିଏଚଡ଼ି, ରେଲୱେ ଷ୍ଟେସନ ଅଞ୍ଚଳ, ସମଲେଶ୍ୱରୀ ମନ୍ଦିର ଅଞ୍ଚଳ, ଲକ୍ଷ୍ମୀଟକିଜ୍, ପୁଲିସ୍ ଲାଇନ୍ ଆଦି ଅଞ୍ଚଳରେ ବୁଧବାର ସକାଳ ୯.୩୦ରୁ ଅପରାହ୍ନ ୨.୩୦ ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ । ଏନେଇ ଟିପିଡବ୍ଲୁଓଡିଏଲ ପକ୍ଷରୁ ସୂଚନା ଦିଆଯାଇଛି ।

## ରାସ୍ତା ନିର୍ମାଣ ପାଇଁ ଧାରଣାରେ ବସିଲେ ଏନ୍ଏସି ଉପାଧ୍ୟକ୍ଷା ଓ ଗ୍ରାମବାସୀ

**ରେଢ଼ାଖୋଲ, ୬ ।୧(ସମିସ):** ଗ୍ରାମର ଏକ ରାସ୍ତା ନିର୍ମାଣ କରିବା ପାଇଁ ଅଢେଇ ବର୍ଷ ହେବ ପ୍ରଶାସନ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରି ବିଫଳ ହେବା ପରେ ସୋମବାର ଦିନ ବାଧ୍ୟ ହୋଇ ନିଜେ ଏନ୍ଏସି ଉପାଧ୍ୟକ୍ଷା ଅନୁସୟା ପ୍ରଧାନ ଏବଂ ଗ୍ରାମବାସୀଙ୍କୁ ନେଇ ରେଢ଼ାଖୋଲ ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ରହିଲେ । ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଏନ୍ଏସି ଅନ୍ତର୍ଗତ ୱାର୍ଡ ନଂ ୦୧ କେନ୍ଦୁକଟା ଗ୍ରାମରେ ଅଭାବନୀୟ ଘଟଣା ଘଟିଛି । କେନ୍ଦୁକଟା ଗ୍ରାମରବାସିନ୍ଦା ପାଇଁ ରାସ୍ତା ପୂର୍ବରୁ ଦୁଇ ଥର ମରାମତି କାର୍ଯ୍ୟ ହୋଇ ସାରିଥିବା ବେଳେ ଦୀର୍ଘ ଅଢେଇ ବର୍ଷ ହେବ ଗ୍ରାମର ରାସ୍ତା ନିର୍ମାଣ ପାଇଁ ୧୨ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର ହୋଇଅଛି । କିନ୍ତୁ ଗ୍ରାମର କିଛି ମୁଷ୍ଟିମେୟ ଲୋକ ରାସ୍ତା ଅବରୋଧ କରି ନିର୍ମାଣ କାର୍ଯ୍ୟ ଅଟକାଇ ରଖିଛନ୍ତି । ଉକ୍ତ ବ୍ୟକ୍ତିମାନେ ବେଆଇନ ଭାବେ ଲିଜ୍ ଜମି କିଣି ନେଇ ରାସ୍ତା ନିର୍ମାଣ କାର୍ଯ୍ୟ କରାଇ ଦେଉ ନାହାନ୍ତି ବୋଲି ଏନ୍ଏସି ଉପାଧ୍ୟକ୍ଷା ଏବଂ ଗ୍ରାମବାସୀ ଅଭିଯୋଗ କରିଛନ୍ତି ।ଗ୍ରାମବାସୀଙ୍କ ଧାରଣ ବେଳେ ଉତ୍ତେଜନା ଦେଖିବାକୁ ମିଳିଥିଲା । ବୁଝାସୁଝା ପରେ ପରିସ୍ଥିତି ଶାନ୍ତ ହୋଇଥିଲା । ଗ୍ରାମର ରାସ୍ତା ନିର୍ମାଣ ଅଟକି ରହିଥିବାରୁ ରାସ୍ତାରେ ଚାଲି ଯିବାର ସମ୍ଭବ ହେଉନାହିଁ । ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ଯିବାକୁ ସମସ୍ୟା ସୃଷ୍ଟି ହେଉଛି ।ଗ୍ରାମବାସୀଙ୍କ ଯାତାୟାତ ପାଇଁ ବହୁ ସମସ୍ୟା ସୃଷ୍ଟି ହେଉଛି । ଗ୍ରାମର ରାସ୍ତା ନିର୍ମାଣ ପାଇଁ ସମସ୍ତ ପ୍ରଶାସନ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରି ସାରିବା ପରେ କୌଣସି ସୁଫଳ ନ ମିଳିବାରୁ ଗତ ୩ ତାରିଖ ଦିନ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତଙ୍କୁ ଅଭିଯୋଗ କରି ସୋମବାର ଧାରଣାରେ ବସି ରହିଲେ । ଗୋଲାପି ପ୍ରଧାନ, ଖେତୁ ଷଣ୍ଢ, ପ୍ରେମଦିନୀ ପ୍ରଧାନ, ବିଷ୍ଣୁ ପ୍ରଧାନ, ବାସନ୍ତୀ ପ୍ରଧାନ, ଠାକୁର ପ୍ରଧାନ, ସଦାନନ୍ଦ ପ୍ରଧାନ, ନିରଞ୍ଜନ ପ୍ରଧାନ ପ୍ରମୁଖ ସମେତ ବହୁ ସଂଖ୍ୟାରେ ଗ୍ରାମବାସୀ ମାନେ ସାମିଲ ଥିଲେ ।



## ମୃତ୍ୟୁ ପରେ ବିଦେଶୀଙ୍କ ଚକ୍ଷୁଦାନ

**ସମ୍ବଲପୁର, ୬।୧(ସମିସ):** ସମ୍ବଲପୁର ବଡ଼ବଜାର ବଙ୍ଗାଳିପଡ଼ା ନିବାସୀ ୮୯ ବର୍ଷ ବୟସ୍କ ବିଦେଶୀ ପ୍ରଧାନଙ୍କ ଗତ ରାତିରେ ତିରୋଧାନ ହୋଇଥିଲା । ମୃତ୍ୟୁ ପୂର୍ବରୁ ସେ ତାଙ୍କ ଚକ୍ଷୁଦାନ କରିବେ ବୋଲି 'ଜ୍ୟୋତି'ଅନୁଷ୍ଠାନରେ ତାଙ୍କର ପ୍ରତିଜ୍ଞାପତ୍ର ପ୍ରଦାନ କରିଥିଲେ । ତାଙ୍କ ଦେହାନ୍ତ ପରେ ତାଙ୍କ ପରିବାର ଚକ୍ଷୁ ସଂଗ୍ରହ ପାଇଁ ଜ୍ୟୋତି ଅନୁଷ୍ଠାନ ସହ ଯୋଗାଯୋଗ କରିଥିଲେ ।ଚକ୍ଷୁ ବ୍ୟାଙ୍କର ଡ଼ମହେଶ କୁମାର ସାହୁ, ଡ଼ ରଞ୍ଜିତା ଅମନତ୍ୟା, ଚକ୍ଷୁ ସଂଗ୍ରହ ଉପଦେଷ୍ଟା ସୁରେଶ ଚନ୍ଦ୍ର ତ୍ରିପାଠୀ ରାତିରେ ବୁର୍ଲାରୁ ଆସି ଚକ୍ଷୁ ସଂଗ୍ରହ କରିଥିଲେ ।ସହଯୋଗ କରିଥିଲେ ଜ୍ୟୋତି ଅନୁଷ୍ଠାନର ସଭାପତି ଡ଼ପରେଶ ଚନ୍ଦ୍ର ଦାନୀ ଓ ବରିଷ୍ଠ ସଭ୍ୟ ଶିବ ନାରାୟଣ ପାଣିଗ୍ରାହୀ । ତାଙ୍କ ପୁତ୍ର ଶାନ୍ତି ପ୍ରକାଶ ପ୍ରଧାନ, ଧର୍ମ ପ୍ରକାଶ ପ୍ରଧାନ, ଝିଅ ମୀରା ପ୍ରଧାନ ଓ ମିନାକ୍ଷୀ ପ୍ରଧାନ ଉପସ୍ଥିତ ଥିଲେ । ତିନି ଦିନ ପୂର୍ବରୁ 'ଜ୍ୟୋତି'ଅନୁଷ୍ଠାନ ସହଯୋଗକ୍ରମେ ସ୍ୱର୍ଗତ ଯୋଗେଶ ଚନ୍ଦ୍ର ଦାଶଙ୍କ ଚକ୍ଷୁ ସଂଗୃହିତ ହୋଇଥିଲା ।



## ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

**ସମ୍ବଲପୁର, ୬।୧(ସମିସ):** ବୀର ସୁରେନ୍ଦ୍ର ସାଏ +୨ କଲେଜର ସୋମବାର ଦିନ ପ୍ରଥମ ବର୍ଷ ଛାତ୍ରୀମାନଙ୍କ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଛି । କଲେଜର ଅଧକ୍ଷ ବିଜୟାନନ୍ଦ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ ।କାର୍ଯ୍ୟକ୍ରମରେ ୭୧ ଛାତ୍ରୀ ଅଂଶଗ୍ରହଣ କରିଥିଲେ । ମାଷ୍ଟର ଟ୍ରେନର ସଫଳା ସେଠି ଛାତ୍ରୀଙ୍କୁ ତାଲିମ ଦେବେ । ଉଦ୍‌ଘାଟନୀ ସମାରୋହରେ ଅଧ୍ୟାପକ ପଦ୍ମନାଭ ସାମଲ, ହେମାଞ୍ଚଳ ମହାପାତ୍ର, ଖେଳ ଶିକ୍ଷକ ଗୁରୁଚରଣ ସାହୁ ଓ ଅନ୍ୟ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ଓ ଅଧ୍ୟାପିକା ଇପ୍ସିତା ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ।

## ଏମ୍ସ ଫାଉଣ୍ଡେସନ ପକ୍ଷରୁ ଶରୀର ଓ ଚକ୍ଷୁଦାନ ଶିବିର

**ସମ୍ବଲପୁର, ୬।୧(ସମିସ):** ସମ୍ବଲପୁର ଏମ୍ସ ଫାଉଣ୍ଡେସନ ଝାରସୁଗୁଡ଼ା ଦୁଲଦୁଲି କାର୍ଯ୍ୟକ୍ରମରେ ଶରୀର ଦାନ ଓ ଚକ୍ଷୁଦାନ ଶିବିର ଅନୁଷ୍ଠିତ କରିଥିଲେ । ଶିବିରକୁ ଅନୁଷ୍ଠାନର ସମ୍ପାଦକ ଶ୍ରିମନ୍ତ ପାତ୍ର ପରିଚାଳନା କରିଥିଲେ । ଶିବିରରେ ଛଅ ଜଣ ଚକ୍ଷୁଦାନ ଯଥା-ଅରବିନ୍ଦ ପାତ୍ର, ଭୁଗଦେବ ଭୋଇ, ଯଜ୍ଞସେନି ପଟେଲ, ସତ୍ୟନାରାୟଣ ପାଢ଼ୀ, ମଞ୍ଜୁଲତା ପଟେଲ ଏବଂ ଶୁଭମ୍ ରାଉତ ଏବଂ ପ୍ରଶାନ୍ତ ନନ୍ଦ, ସତ୍ୟନାରାୟଣ ପାଢ଼ୀ, ଯଜ୍ଞସେନି ପଟେଲ, ଭୁଗଦେବ ଭୋଇ, ନୀତେଶ କୁମାର ପାଣ୍ଡେ ପ୍ରମୁଖ ଶରୀର ଦାନ ପାଇଁ ସହମତି କରିଛନ୍ତି ।କାର୍ଯ୍ୟକ୍ରମକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଶଂସା କରିଛନ୍ତି । ଶିବିରରେ ପରିଚାଳନା ସଭାପତି ବିପିନ ବିହାରୀ ପଣ୍ଡା ଏବଂ ଏମ୍ସ ମହାବିଦ୍ୟାଳୟର ମୁଖ୍ୟ କାର୍ଯ୍ୟାକାରୀ ଅଧିକାରୀ ଇଂ ଅଭିନାଶ ମିଶ୍ର ଏବଂ ଶ୍ରୀମତୀ ଜୟଶ୍ରୀ ଭୁଏ, ଶୁଶ୍ରି ଶୁଧାଂଶୁ ବାଳା ପ୍ରଧାନ, ନରେଶ ମେହେର ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ।




**ବିଜେପି ନେତାଙ୍କୁ ଗାଡ଼ି ଚଢ଼ାଇ ହତ୍ୟା ଘଟଣା**

# ଅଭିଯୁକ୍ତ ଡ୍ରାଇଭର୍ କୋର୍ଟ ଚାଲାଣ, ୭ ଦିନିଆ ରିମାଣ୍ଡ ଆବେଦନ

**ବୁର୍ଲା, ୬ ।୧(ସମିସ)**

ବିଜେପି ନେତାଙ୍କୁ ଗାଡି ଚଢ଼ାଇ ହତ୍ୟା ଘଟଣାରେ ଅନୁଗୁଳ ଜିଲ୍ଲାର ଡ୍ରାଇଭର୍ ପ୍ରସନ୍ନ ଜେନାମଣି (୩୦)କୁ ଗିରଫ କରି କୋର୍ଟ ଚାଲାଣ କରିଛି ବୁର୍ଲା ପୁଲିସ । ଅଭିଯୁକ୍ତ ଡ୍ରାଇଭରକୁ ୭ ଦିନ ରିମାଣ୍ଡରେ ଆଣିବା ପାଇଁ ପୁଲିସ କୋର୍ଟରେ ଆବେଦନ କରିଛି । ସେପଟେ ଗୋଟିଏ ଗାଡ଼ି ବାଲା ସହ ଝଗଡ଼ା ହୋଇଥିବାରୁ ସେହି ଗାଡ଼ି ଭାବି ଗାଡ଼ି ଚଢାଇଥିବା ଅଭିଯୁକ୍ତ ଗାଡି ଡ୍ରାଇଭର ପ୍ରସନ୍ନ ଜେନାମଣି କହିଛି । ସନ୍ଧ୍ୟାରେ ପୁଲିସ ଗିରଫ କରି ଅଭିଯୁକ୍ତ ପ୍ରସନ୍ନ ଜେନାମଣିକୁ କୋର୍ଟ ଚାଲାଣ କରୁଥିବ ସମୟରେ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତରରେ ଅଲଗା ଅଲଗା ଉତ୍ତର ରଖିଛି ଡ୍ରାଇଭର୍ । ପ୍ରଥମେ ନିଦରେ ଗାଡି ଚଢ଼ାଇ ଦେଇଥିବା କହିବା ପରେ ସର୍ଭିସ ରୋଡକୁ କାହିଁକି ଗାଡ଼ି ନେଇ ଗାଁ ରାସ୍ତାରେ ଗାଡି ଚଢାଇଲ ବୋଲି ପଚାରିବାରୁ କଥା ବଦଳାଇଛି । ମୃତ ଦେବେନ୍ଦ୍ର ନାୟକ ଓ ମୂରଲୀଧର ଛୁରିଆ ବସିଥିବା ଗାଡ଼ି ଜାତୀୟ ରାଜପଥ ଦେଇ ଯିବା ପୂର୍ବରୁ ଅନ୍ୟ ଏକ ଗାଡି ସହ ପ୍ରସନ୍ନଙ୍କ ଝଗଡ଼ା ହୋଇଥିବା କହିଛି । ଏହା ପରେ ସେହି ସମାନ ଗାଡି ଭାବି ବିଜେପି ନେତା ବସିଥିବା ଗାଡ଼ିକୁ ଆକ୍ରୋଶମୂଳକ ଭାବେ ହାଇୱା ଚଢ଼ାଇ ମାରିଥିବା କହିଛି । ହେଲେ ପ୍ରତ୍ୟେକ ଥର ଅଲଗା ଅଲଗା ବୟାନ ରଖୁଥିବାରୁ ଡ୍ରାଇଭର କଥାକୁ ପୁଲିସ ବିଶ୍ୱାସକୁ ନେଉ ନାହିଁ । ଫଳରେ ଅଧିକ ତଦନ୍ତ ପାଇଁ ଆଉ ୭ ଦିନ ରିମାଣ୍ଡରେ ନେଇ ଜେରା କରିବା ପାଇଁ ପୁଲିସ କୋର୍ଟରେ ଆବେଦନ କରିଛି । ସେପଟେ ବିଜେପି ନେତାଙ୍କୁ ଗାଡି ଚଢ଼ାଇ ହତ୍ୟା ଘଟଣାରେ ମୁହଁ ଖୋଲିଲେ ଜୟ ନାରାୟଣ । ଏହା ସାଧାରଣ ହତ୍ୟା ନୁହେଁ ବରଂ ସୁପାରି କିଲିଂ ବୋଲି ଶ୍ରୀ ମିଶ୍ର କହିଛନ୍ତି । ଅନ୍ୟଙ୍କୁ ମାରିବା ପାଇଁ ଡ୍ରାଇଭର ସୁପାରି ନେଇଥିବା ବେଳେ ଭୁଲ ବୁଝାମଣାରେ ଦେବେନ୍ଦ୍ର ନାୟକ ଓ ମୂରଲୀଧର ଛୁରିଆକୁ ମାରିଥିବା ଜୟ କହିଛନ୍ତି । ପୁଲିସ ଭଲରେ ତଦନ୍ତ କରୁବୋଲି ଶ୍ରୀ ମିଶ୍ର କାହିଛନ୍ତି ।

## ଜେଲ୍ ଗଲେ ୭ ବନ୍ୟଜନ୍ତୁ ତସ୍କର

**ଦେବଗଡ଼, ୬।୧(ସମିସ):** ଦେବଗଡ଼ ବନଖଣ୍ଡ ବାରକୋଟ ଫରେଷ୍ଟ ରେଞ୍ଜ ଠିଆନାଳ ସେକ୍ସନ ଗୋଲାବନ୍ଧ ଗ୍ରାମରୁ ଗତକାଲି ଧରାପଡ଼ିଥିବା ୭ ବନ୍ୟଜନ୍ତୁ ଅଙ୍ଗତସ୍କରଙ୍କୁ ଆଜି ଜେଲ୍ ପଠାଯାଇଛି। ବନ ବିଭାଗ ଆଜି ସେମାନଙ୍କୁ କୋର୍ଟ ଚାଲାଣ କରିଥିଲା। ତେବେ କୋର୍ଟ ଜାମିନ ଆବେଦନକୁ ନାମଞ୍ଜୁର କରିବାରୁ ସେମାନଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ସେମାନେ ହେଲେ, ରାଜସ୍ଥାନ ଯୋଧପୁର ଲାମ୍ବା ଗ୍ରାମର ଅଶୋକ ବିସ୍ନୋଇ, ରାଜସ୍ଥାନ କପର୍ଦା ଥାନାଞ୍ଚଳର ଅଜୟପାଲ ବିସ୍ନୋଇ, ବାରକୋଟ ଥାନା ଅଧୀନ ରାଜମୁଣ୍ଡା ଗ୍ରାମର ମାନସିଂ ବାରି, ବାରକୋଟ ଥାନାଞ୍ଚଳ ଝରବାହାଳ ଗ୍ରାମର ରମେଶଚନ୍ଦ୍ର ନାଏକ, ବାରକୋଟ ଥାନାଞ୍ଚଳ ଗୁରୁସଙ୍ଗ ଗ୍ରାମର ରାଜେନ୍ଦ୍ର ରଣ, ବାରକୋଟ ଥାନାଞ୍ଚଳ ଠିଆନାଳ ଗ୍ରାମର କର୍ମୁ ନାଏକ ଓ ଅନୁଗୋଳ ଜିଲ୍ଲା ସାନବାଗଦରି ଗ୍ରାମର ବୀରବର ନାହାକ। ସୂଚନାଯୋଗ୍ୟ ଏହି ଅଭିଯୁକ୍ତମାନେ ଗତକାଲି ଗୋଲାବନ୍ଧ ଗ୍ରାମ ନିକଟସ୍ଥ ଏକ ରାଜସ୍ଥାନୀ ଢ଼ାବାରେ ବାଘ ଛାଲ ଡିଲ କରୁଥିବା ବେଳେ ବନବିଭାଗ ସେମାନଙ୍କୁ ଗିରଫ କରିଥିଲା।

## ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



**ଦେବଗଡ଼, ୬।୧(ସମିସ):** ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ସୋମବାର ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇ ୧୯ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ୧୪ଟି ବ୍ୟକ୍ତିଗତ ଏବଂ ୫ଟି ସାମୂହିକ ଅଭିଯୋଗ ହୋଇଥିବା ଜଣାପଡ଼ିଛି। ବିଶେଷ କରି ଜମିବାଡ଼ି ବିବାଦ, ନୂତନ ରାସନ କାର୍ଡ, ଚିକିତ୍ସା ସୁବିଧା, ଜାତୀୟ ରାଜପଥ ବଣିଆକିଲିଣ୍ଡାରେ ୟୁ-ଟର୍ନ ନିର୍ମାଣସହ ସମସ୍ୟାର ସମାଧାନ ପାଇଁ ଅଭିଯୋଗ ହୋଇଥିଲା। ଅଭିଯୋଗଗୁଡ଼ିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅନୀଲ କୁମାର ମିଶ୍ର, ବନଖଣ୍ଡ ଅଧିକାରୀ ମଗର ଧନାଜୀ ରାଓସୋ, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ତହସିଲଦାର କର୍ଣ୍ଣ ମଲ୍ଲିକ ଓ ଡେପୁଟି କଲେକ୍ଟର ଅଞ୍ଜୁନି କୁଜୁରଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ପଲ୍ଲୀଶ୍ରୀ ମେଳା ଉଦ୍‌ଯାପିତ



**ଝାରସୁଗୁଡ଼ା, ୬।୧(ସମିସ):** ବିଟିଏମ୍ ପଡ଼ିଆରେ ଜାନୁଆରୀ ୧ରୁ ୬ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ପଲ୍ଲୀଶ୍ରୀ ମେଳା ଉଦ୍‌ଯାପିତ ହୋଇଛି। ଏହିଅବସରରେବିଭିନ୍ନକ୍ଷେତ୍ରରେଉଲ୍ଲେଖନୀୟ ପ୍ରଦର୍ଶନ ସକାଶେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଜିଲ୍ଲାପାଳ ଅବୋଲି ସୁନୀଲ ନରୱଣେ ଉପସ୍ଥିତ ରହି ସର୍ବାଧିକ ବିକ୍ରୀ ପାଇଁ ସୋନପୁର ଜିଲ୍ଲାର ମା' ସନ୍ତୋଷୀ ଏସ୍ଏଚ୍‌ଜି, ବେଷ୍ଟ ସେଲ୍ସମ୍ୟାନସିପ ପାଇଁ ନୟାଗଡ଼ର ଜୟ ଜଗନ୍ନାଥ ଏସ୍ଏଚ୍‌ଜି, ବେଷ୍ଟ ଇନୋଭେଟିଭ ପ୍ରଡକ୍ଟ ପାଇଁ ଝାରସୁଗୁଡ଼ାର ନରସିଂହ ତ୍ରିପାଠୀ ଚାରିଟେବୁଲ ଟ୍ରଷ୍ଟ, ବେଷ୍ଟ କ୍ୱାଲିଟି ପ୍ରଡକ୍ଟ ପାଇଁ ସମ୍ବଲପୁରର ପଥର ଶିଳ୍ପ ଏସ୍ଏଚ୍‌ଜି, ବେଷ୍ଟ କ୍ୱାଲିଟି ପାର୍ଟିସିପେଶନ ବ୍ରାଣ୍ଡିଂ ଏବଂ ପ୍ୟାକେଜିଂ ପାଇଁ କୋରାପୁଟର କାପକୋ ଏଫ୍‌ପିଓକୁ ପୁରସ୍କୃତ କରିଥିଲେ। ଚଳିତ ବର୍ଷ ଜାନୁଆରୀ ୧ରୁ ୬ତାରିଖ ପର୍ଯ୍ୟନ୍ତ ମେଳାରେ ପ୍ରାୟ ୧କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବାଣିଜ୍ୟ ହୋଇଥିବା ଓର୍ମାସ ଡେପୁଟି ସିଇଓ ଯୁବରାଜ ସାହୁ ସୂଚନା ଦେଇଛନ୍ତି। ସବୁଠାରୁ ଅଧିକ ବିକ୍ରି କରିଥିଲେ ମା' ସନ୍ତୋଷୀ ଏସ୍ଏଚଜି ସୋନପୁର ବୋଲି କହିଛନ୍ତି।

## ମହିମା ବାଲ୍ୟଲୀଳା ମହୋତ୍ସବ ଆରମ୍ଭ

**ଝାରସୁଗୁଡ଼ା, ୬।୧(ସମିସ):** ଲଖନପୁର ବ୍ଲକ ଅଧୀନ ଜାମଗାଁ ମହିମା ଆଶ୍ରମରେ ୯ମ ତମ ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ଓ ମହିମା ବାଲ୍ୟଲୀଳା ମହୋତ୍ସବ ବ୍ରହ୍ମାବଧୂତ ବୀରେନ୍ଦ୍ର ବାବାଙ୍କ ତତ୍ତ୍ୱାବଧାନରେ ସୋମବାର ଆରମ୍ଭ ହୋଇଯାଇଛି। ବ୍ରହ୍ମ ମୁହୂର୍ତ୍ତରେ କଳସ ଯାତ୍ରା, ସନ୍ଧ୍ୟା ୬ଟାରେ ଅଖଣ୍ଡବତୀ ପ୍ରଜ୍ୱଳନ, ବ୍ରହ୍ମଧୁନି ସ୍ଥାପନ, ଆଠ ଭଜନ, ଜଗତର କଲ୍ୟାଣ ନିମନ୍ତେ ପୂଜ୍ୟପାଦ ବୀରେନ୍ଦ୍ର ବାବା ବ୍ରହ୍ମଧୁନିରେ ଘୃତାହୁତି ଦେଇଥିଲେ। ସାଧୁସନ୍ଥଙ୍କ ମଧ୍ୟରେ ସାଧୁ ଜଗବନ୍ଧୁ ଦାସ, ସାଧୁ ବିକ୍ରମ ଦାସ, ସାଧୁ ବାଦଲ ଦାସ, ସାଧୁ ଦୟା ଦାସ, ସାଧୁ ମହେନ୍ଦ୍ର ତ୍ୟାଗୀ, ସାଧୁ ଜଗଦୀଶ ତ୍ୟାଗୀ, ସାଧୁ ଚିତ୍ର ତ୍ୟାଗୀ, ସାଧୁ ସୁମନ୍ତ ତ୍ୟାଗୀ ଓ ସାଧୁ ସଚିଦା ତ୍ୟାଗୀ ଯଜ୍ଞ ଆଦି ସମସ୍ତ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ବାବାମହୋଦୟଙ୍କଆଦେଶାନୁସାରେଜାମଗାଁ ଜମିଦାର ମହେନ୍ଦ୍ର ସାଏ ଓ ପତ୍ନୀ ଜାମିନୀ ସାଏ, ଗୋପୀନାଥ ସାଏ ଓ ପତ୍ନୀ ପ୍ରବୀଣା ସାଏ, ବିପ୍ଲବ ସାଏ ଓ ପତ୍ନୀ ଦୀପାଞ୍ଜଳୀ ସାଏ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି। ଆଜିଠାରୁ ଆରମ୍ଭ ହୋଇଥିବା ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ମହିମା ବାଲ୍ୟଲୀଳା ମହୋତ୍ସବ ୮ ତାରିଖ ବୁଧବାର ପୌଷ ଶୁକ୍ଳପକ୍ଷ ନବମୀ ତିଥିରେ ପୂର୍ଣ୍ଣାହୁତି ସହ ସମ୍ପନ୍ନ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି। ଅବସରରେ ପ୍ରତ୍ୟେକ ଦିନ ସତସଙ୍ଗ, ପ୍ରବଚନ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବ। ଜାମଗାଁ ମହିମା ଆଶ୍ରମ ପରିଚାଳନା କମିଟିର ସଭାପତି ମହେନ୍ଦ୍ର ସାଏଙ୍କ ସହ ସରପଞ୍ଚ ଗୋପୀନାଥ ସାଏ, ତପେଶ୍ୱର ପଧାନ, ଖତୁ ସା, ସନତ ବାରିକ, ଉସତ ବାରିକଙ୍କ ସମେତ ଗ୍ରାମବାସୀ ପରିଚାଳନାରେ ସହଯୋଗ କରୁଛନ୍ତି।

# ସଂକ୍ଷିପ୍ତ ସଂଶୋଧିତ ଭୋଟର ତାଲିକା ପ୍ରକାଶ



**ଦେବଗଡ଼, ୬।୧(ସମିସ)**

ଗତ ୨୦୨୪ ମସିହା ଅକ୍ଟୋବର ୨୯ ତାରିଖ ଠାରୁ ନଭେମ୍ବର ୨୮ ପର୍ଯ୍ୟନ୍ତ ଜିଲ୍ଲାରେ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ସ୍ୱତନ୍ତ୍ର ଅଭିଯାନ ମାଧ୍ୟମରେ ନୂତନ ଭୋଟର ତାଲିକା ପ୍ରସ୍ତୁତି ଅଭିଯାନ ପରେ ସୋମବାର ଦେବଗଡ଼ ଜିଲ୍ଲାରେ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧିତ ଭୋଟର ତାଲିକା ପ୍ରକାଶ ପାଇଛି। ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଉପଜିଲ୍ଲାପାଳ ପରୀକ୍ଷିତ ସାହୁ ଓ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କ ଉପସ୍ଥିତିରେ ସଂଶୋଧିତ ନୂତନ ଭୋଟର ତାଲିକା ପ୍ରକାଶ ପାଇଛି। ଏହି ସଂଶୋଧିତ ନୂତନ ଭୋଟର ତାଲିକାରେ ୨୧୧୭ ଜଣ ନୂତନ ଯୁବ ଭୋଟର ସେମାନଙ୍କ ନାମ ପଞ୍ଜିକରଣ କରିଥିବା ଜଣା ପଡ଼ିଛି।ସେହିପରି ଜିଲ୍ଲାରେ ମୋଟ ୨୫୨୦୭୭ ଭୋଟର ଥିବା ବେଳେ ସେମାନଙ୍କ ମଧ୍ୟରୁ ପୁରୁଷ ୧୨୫୧୩୫ ଓ ମହିଳା ୧୨୫୨୧୪ ଓ ୧୮ ଜଣ କିନ୍ନର ଥିବା ଜଣାପଡ଼ିଛି। ଏହି ସଂଶୋଧିତ ନୂତନ ଭୋଟର ତାଲିକା ପ୍ରତ୍ୟକ ବୁଥ୍ ସମେତ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂଚନା ଫଳକରେ ସ୍ଥାନିତ କରାଯାଇଛି।

**ଯୋଡ଼ିହେଲେ ୨୧୧୭ ଯୁବ ଭୋଟର**

## ଜିଲ୍ଲାରେ ୪ ଲକ୍ଷ ୫୦ ହଜାର ୨୦୨ ଭୋଟର

**ଝାରସୁଗୁଡ଼ା, ୬।୧(ସମିସ):** ଜିଲ୍ଲାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ୨୦୨୫ ଅନୁଯାୟୀ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶିତ ହୋଇଯାଇଛି। ଫର୍ମ ନମ୍ବର ୬, ୭ ଓ ୮ ଅନୁସାରେ ଭୋଟର ତାଲିକାରେ ନାଁ ଯୋଗ କରିବା, ତାଲିକାରୁ ନାଁ ବାଦ ଦେବା ସହ ଆନୁସଙ୍ଗିକ ସଂଶୋଧନ ପାଇଁ ଭାରତର ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ ନିର୍ଦ୍ଦେଶ କ୍ରମେ ଗତ ୨୦୨୪ ଅକ୍ଟୋବର ୨୯ତାରିଖରୁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସୋମବାର ଜିଲ୍ଲାର ୫୧୬ ପୋଲିଂ ଷ୍ଟେସନର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶିତ ହୋଇଛି। ଜିଲ୍ଲା ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ବ୍ରଜବନ୍ଧୁ ଭୋଇ, ବ୍ରଜରାଜନଗର ୦୬-ବିଧାନସଭା ନିର୍ବାଚନ ମଣ୍ଡଳୀ ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ବ୍ରଜରାଜନଗର ୦୭-ବିଧାନସଭା ନିର୍ବାଚନ ମଣ୍ଡଳୀ ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଧିକାରୀ ତଥା ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ସମ୍ପୃକ୍ତ ଅଧିକାରୀ ଓ ବୈଠକରେ ଉପସ୍ଥିତ ସମସ୍ତ ରାଜନୈତିକ ଦଳର ପ୍ରତିନିଧିବୃନ୍ଦଙ୍କୁ ପ୍ରଦାନ କରିଥିଲେ। ବ୍ରଜରାଜନଗର ନିର୍ବାଚନମଣ୍ଡଳୀର ମୋଟ ଭୋଟରଙ୍କ ସଂଖ୍ୟା ୨ଲକ୍ଷ ୧୮ହଜାର ୯୭୪ ଏବଂ ଝାରସୁଗୁଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ମୋଟ ଭୋଟରଙ୍କ ସଂଖ୍ୟା ୨ଲକ୍ଷ ୩୧ହଜାର ୨୨୮ ରହିଛି। ଜିଲ୍ଲାର ମୋଟ ଭୋଟର ସଂଖ୍ୟା ୪ଲକ୍ଷ ୫୦ହଜାର ୨୦୨। ଚୂଡ଼ାନ୍ତ ତାଲିକା ଅନୁସାରେ



ପୁରୁଷ ଭୋଟର ସଂଖ୍ୟା ୧୧୪୧୪୬, ମହିଳା ୧୧୭୦୨୫, ତୃତୀୟ ଲିଙ୍ଗ ୫୭, ଦିବ୍ୟଙ୍ଗ ୨୬୮୨, ପଞ୍ଚାଅଶୀ ବୟସରୁ ଉର୍ଦ୍ଧ୍ୱ ଭୋଟରଙ୍କ ସଂଖ୍ୟା ୧୭୨୩ ଓ ସର୍ଭିସ ଭୋଟରଙ୍କ ସଂଖ୍ୟା ୨୩୦। ବୈଠକରେ ଡେପୁଟି କଲେକ୍ଟର (ନିର୍ବାଚନ) ଲୋପାମୁଦ୍ରା ସାମଲ, ସହକାରୀ ଜିଲ୍ଲାପାଳ ଦୁଷ୍ମନ୍ତ ମହାନ୍ତିଙ୍କ ସମେତ ବିଜେପିର ତ୍ରିଲୋଚନ ପ୍ରଧାନ ଓ ମନୋଜ କଲେତ, ବିଜୁ ଜନତା ଦଳ ପକ୍ଷରୁ ରଘୁନନ୍ଦନ ପାଢ଼ୀ, କଂଗ୍ରେସ ପକ୍ଷରୁ ମନିଶ ବାଜପେୟୀ ଓ ବିଏସ୍‌ପିରୁ ଲଛମନ ଉର୍ମା ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

## ଆଜିଠୁ ଆରମ୍ଭ ପ୍ରସିଦ୍ଧ ବନ୍ଧବାହାଲ ଧନୁଯାତ୍ରା ମହୋତ୍ସବ

**ଇବ୍‌ଥର୍ମାଲ, ୬।୧(ସମିସ):** ଝାରସୁଗୁଡ଼ା ପ୍ରସିଦ୍ଧ ବନ୍ଧବାହାଲ ଧନୁଯାତ୍ରା ମହୋତ୍ସବ ମଙ୍ଗଳବାର ଆରମ୍ଭ ହେଉଛି। ଏନେଇ ବନ୍ଧବାହାଲ ଗ୍ରାମ ସାଜିଥିବା ଗୋପପୁର ଓ କଲୋନୀ ମଥୁରା ନଗରୀରେ ପ୍ରସ୍ତୁତ ହୋଇସାରିଛି। ମଥୁରା ନଗରୀ କଂସ ଦରବାର ରଙ୍ଗବେରଙ୍ଗ କାରୁକାର୍ଯ୍ୟରେ ଝଲସି ଉଠୁଥିବା ବେଳେ ଆଲୋକମାଳାରେ ସମଗ୍ର କୋଇଲା ନଗରୀ ବନ୍ଧବାହାଲ ଝଲସି ଯାଉଛି। ଏବେ ଏହି ଖୋଲା ରଙ୍ଗମଞ୍ଚ ମାଧ୍ୟମରେ ଅଭିନୀତ ହେବ ଦ୍ୱାପର ଯୁଗର ଶୀର୍ଷ ବିଷୟବସ୍ତୁ ସହ କୃଷ୍ଣ ଓ ବଳରାମଙ୍କ ଲୀଳା। ସାତଦିନ ବ୍ୟାପି ଚାଲିବ କଂସଙ୍କ ରାଜୁତି। କଂସ ମହାରାଜ ଓ ସମସ୍ତ କଳାକାରଙ୍କ ସମେତ କମିଟି ସଦସ୍ୟ ଖୁବ୍ ଉତ୍ସାହିତ ଅଛନ୍ତି। ମଙ୍ଗଳବାର ଅପରାହ୍ନ ୨ଟାରୁ ଗୋପପୁର ମଣ୍ଡପରୁ ମଥୁରାପୁର ଦେଇ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ପର୍ଯ୍ୟନ୍ତ ଶୋଭାଯାତ୍ରା କରାଯିବ। ଶୋଭାଯାତ୍ରା ସନ୍ଧ୍ୟାରେ ଫେରିବା ପରେ ଆରମ୍ଭ ହେବ ଉଦ୍‌ଘାଟନୀ ଉତ୍ସବ। ଶୋଭାଯାତ୍ରାରେ ବିଭିନ୍ନ ବର୍ଗର କଳାକାର ଯୋଗ ଦେବା ସାଙ୍ଗକୁ କମିଟି ସଦସ୍ୟ ସାମିଲ ହେବେ। ମିନାବଜାର ପାଇଁ ବିଭିନ୍ନ ଷ୍ଟଲ ଲାଗିଯାଇଥିବାରୁ ଲୋକଙ୍କ ଉତ୍ସାହ ଦ୍ୱିଗୁଣିତ ହୋଇଛି। କିପରି ଭାବେ ମହୋତ୍ସବ ଶାନ୍ତିଶୃଙ୍ଖଳାରେ ଯାତ୍ରା କିଭଳି ସମ୍ପାଦନ ହେବ ସେଥିପାଇଁ ପୁଲିସ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଯାତ୍ରା ପଡ଼ିଆରେ ଅସ୍ଥାୟୀ ପୁଲିସ ଫାଣ୍ଡି କରାଯାଇଛି।

**ଦିନ ୨ଟାରେ ଶୋଭାଯାତ୍ରା**



## ମୁକୁଳା ବିଦ୍ୟୁତ୍ ଟ୍ରାନ୍ସଫର୍ମର ଲାଗି ଯୁବକ ମୃତ

**ଦେବଗଡ଼, ୬।୧(ସମିସ):** ଦେବଗଡ଼ ଜିଲ୍ଲା କୁଣ୍ଢେଇଗୋଲା ଥାନା ଅଧୀନ ଝରାବେର୍ଣ୍ଣି ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ରାସ୍ତାକଡ଼ରେ ଥିବା ମୁକୁଳା ବିଦ୍ୟୁତ୍ ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ଜଣେ ଯୁବକର ମୃତ୍ୟୁ ଘଟିଛି। ମୃତକ ହେଲେ ଅନୁଗୁଳ ଜିଲ୍ଲା ବାଗଡ଼ିଆ ଥାନା ଅଧୀନ ଖମାର୍ ଗ୍ରାମର ଖଗେଶ୍ୱର ନାଏକ ବୋଲି ଜଣାପଡ଼ିଛି। ସେ ନିଜ ମାମୁଁ ଘର ଝରାବେର୍ଣ୍ଣିକୁ ବୁଲି ଆସିଥିଲେ। ଗାଁରେ ବୁଲିବା ବେଳେ ଅନ୍ୟମନସ୍କରେ ରାସ୍ତାକଡ଼ରେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମରରେ ହାତ ବାଜିଯିବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ସୂଚନା ପାଇ କୁଣ୍ଢେଇଗୋଲା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବାସହ ତଦନ୍ତ ଆରମ୍ଭ କରିଛନ୍ତି। ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁଁ ଏଭଳି ଅଘଟଣ ଘଟିଥିବା ଅଭିଯୋଗ ହେଉଥିବା ବେଳେ ଗାଁରେ ଚାପା ଉତ୍ତେଜନା ଦେଖାଦେଇଛି।

## ବ୍ଲକସ୍ତରୀୟ ପ୍ରବାସୀ ଭାରତୀୟ ଦିବସ

**ଦେବଗଡ଼, ୬।୧(ସମିସ):** ତିଳେଇବଣି ଗୋଷ୍ଠୀ ଶିକ୍ଷା ବିଭାଗ ଆନୁକୂଲ୍ୟରେ ତିଳେଇବଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ୧୮ ତମ ପ୍ରବାସୀ ଭାରତୀୟ ଦିବସ ପାଳିତ ହୋଇଯାଇଛି। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନାରାୟଣ ସିଂ ସାମନ୍ତ, ବିଭାଗୀୟ ଅଧିକାରୀ ପ୍ରଶାନ୍ତ ପ୍ରଧାନ, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ନମିତା ନନ୍ଦ ପ୍ରମୁଖ ଉପସ୍ଥିତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅବସରରେ ତିଳେଇବଣି ବ୍ଲକ ଅଧୀନସ୍ଥ ସମସ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡ଼ିଆ ଓ ଇଂରାଜୀ ଭାଷାରେ ପ୍ରବନ୍ଧ, କୁଇଜ ଓ ପୋଷ୍ଟର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାକୁ ସିଆରସିସି ଭେନସ ପ୍ରଧାନ, ଚୂଡ଼ାମଣି ସାହୁ, ଉଦୟ ନାଥ ପ୍ରଧାନ, କ୍ଷିତିଶ ପ୍ରଧାନ, ଛାୟାକାନ୍ତ ବିଶ୍ୱାଳ, ଅଶୋକ ଭୋଇ, ମହାବୀର ନାୟକ, ଅଜୟ ସାହୁ, କ୍ରୀଡା ଶିକ୍ଷକ ଡିଲେଶ୍ୱର ସ୍ୱାଇଁ ପ୍ରମୁଖ ଦାୟିତ୍ୱ ବହନ କରିଥିଲେ। ବିଭିନ୍ନ ସରକାରୀ, ବେସରକାରୀ ଓ ଇଂରାଜୀ ବିଦ୍ୟାଳୟରୁ ଆସିଥିବା ମୋଟ ୭୬ ଜଣ ପ୍ରତିଯୋଗୀ ଏଥିରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସିଆରସିସି ପ୍ରାଣବନ୍ଧୁ ଘଡ଼େଇ, ଅଶୋକ ସାହୁ, ରାଜେଶ ନାଏକ, ନୀଳାମ୍ବର କାଲୋ, ବିପୀନ ବିହାରୀ ଅଢା, ଏମଆଇସ ସୁମନ ମହାନ୍ତି ଓ ଆକାଉଣ୍ଟାଣ୍ଟ ରଞ୍ଜନ ନାୟକ, ଶିକ୍ଷୟିତ୍ରୀ ମଞ୍ଜୁଲତା ନାଥ ପ୍ରମୁଖ ସହଯୋଗ କରିଥିଲେ।

## ବ୍ରଜରାଜନଗର ପୌରାଧକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

**ବ୍ରଜରାଜନଗର, ୬।୧ (ସମିସ):** ଝାରସୁଗୁଡା ଜିଲ୍ଲା ବ୍ରଜରାଜନଗର ପୌରପରିଷଦ ଅଧକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଲେ ବ୍ରଜରାଜନଗର ପୌର ଉପାଧକ୍ଷ ସମେତ ୨୨ ଜଣ କାଉନସିଲର। ସୋମବାର ଦିନ ଝାରସୁଗୁଡା ଜିଲ୍ଲାପାଳଙ୍କୁ ଅନାସ୍ଥା ପ୍ରସ୍ତାବ ଉପରେ ବିଧିବଦ୍ଧ କର୍ଯ୍ୟାନୁଷ୍ଠାନ ପାଇଁ ସମସ୍ତ କାଉନସିଲର ଏବଂ ଉପାଧକ୍ଷ ଅନୁରୋଧ କରିଛନ୍ତି। ବ୍ରଜରାଜନଗର ପୌରପରିଷଦ କାର୍ଯ୍ୟାଳୟରେ ବ୍ରଜରାଜନଗର ପୌରାଧକ୍ଷା ଯାଜ୍ଞସେନି ଓରାମ ବିଗତ ଦୁଇ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ସଠିକ ଭାବରେ କାର୍ଯ୍ୟ ତୁଲାଉନଥିବା ପୌର ଉପାଧକ୍ଷ ସମେତ ୨୨ ଜଣ କାଉନସିଲର ଅଭିଯୋଗ କରିଛନ୍ତି। ଉପନଗରପାଳ କୃଷ୍ଣଗୋପାଳ ସୀତାନିଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। ଜିଲ୍ଲାପାଳ ଆଗତ ଅନାସ୍ଥା ପ୍ରସ୍ତାବ ଉପରେ ବିଚାର କରୁଥିବା ଜଣାପଡ଼ିଛି।

**୧୭ ବର୍ଷରୁ କମ କ୍ରିକେଟ ପ୍ରତିଯୋଗିତା**

## ଫାଇନାଲରେ ପ୍ରୋଗ୍ରେସିଭ୍ ଆସୋସିଏସନ ଟିମ୍



**ଝାରସୁଗୁଡ଼ା, ୬।୧(ସମିସ):** ବ୍ରଜରାଜନଗର ଭିଏସଏସ ଷ୍ଟାଡିୟମ୍‌ରେ ପ୍ରଥମ ଦିବାରାତ୍ର ଅଣ୍ଡର ୧୭ କ୍ରିକେଟ ପ୍ରତିଯୋଗିତାର ଦ୍ୱିତୀୟ ମ୍ୟାଚ୍ ପ୍ରୋଗ୍ରେସିଭ ଆସୋସିଏସନ୍ ଝାରସୁଗୁଡ଼ା ଟିମ୍ ଓ ଲିଓ କ୍ରିକେଟ କ୍ଲବ୍ ବେଲପାହାଡ଼ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରୋଗ୍ରେସିଭ ଆସୋସିଏସନ୍ ଝାରସୁଗୁଡ଼ା ଟିମ୍ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଲିଓ କ୍ରିକେଟ କ୍ଲବ ଟସ୍ ଜିତି ବ୍ୟାଟିଂ କରି ୧୧.୨ ଓଭରରେ ୫୭ ରନ ସଂଗ୍ରହ କରିଥିଲା। ଦ୍ୱିତୀୟ ପାଳିରେ ପ୍ରୋଗ୍ରେସିଭ ଆସୋସିଏସନ୍ ଟିମ୍ ୫.୪ ଓଭରରେ ୬୧ ରନ ସଂଗ୍ରହ କରି ବିଜୟ ହାସଲ କରି ଫାଇନାଲକୁ ପ୍ରବେଶ କରିଛି। ଓମ୍ ମହାପାତ୍ର ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବେ ଘୋଷିତ ହୋଇଛନ୍ତି। ମୁଖ୍ୟଅତିଥି ଭାବେ ସାମ୍ବାଦିକ ତଥା ସମାଜସେବୀ ଅନୀଲ ଅଗ୍ରୱାଲ ଓ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଆଥଲେଟିକ ଆସୋସିଏସନ୍‌ର ଉପସଭାପତି ବ୍ରିଜେଶ ଶର୍ମା ଓ କୈଳାଶ ନାୟକ ଯୋଗଦେଇଥିଲେ। ପରିଚାଳନା କମିଟିର ପ୍ରଜ୍ୱଳ ପଟେଲ, ଟିଟୁ ପରିଡ଼ା, କମ୍ପାଉଣ୍ଡର ବେହେରା, ରବୀନ୍ଦ୍ର ସିଂହ, ରୋମାଞ୍ଚ ପଟେଲ ଓ ଅଶୋକ ପ୍ରଧାନ ଯୋଗଦେଇଥିଲେ। ଜୟସିଂ ଓ ନକୁଲ ଯାଦବ୍ ଅମ୍ପାୟାର ଭାବେ ମ୍ୟାଚ୍‌କୁ ପରିଚାଳନା କରିଥିଲେ।

## ଦୁର୍ଘଟଣାରେ ବାଇକ୍ ଆରୋହୀ ଗୁରୁତର

**ଦେବଗଡ଼, ୬।୧(ସମିସ):** ରିଆମାଳ ଥାନା ଅନ୍ତର୍ଗତ ବୁରୁବୁଡ଼ା ଓରାମ ସାହି ଛକ ଠାରେ କାର୍ ଓ ବାଇକ ମୁହାଁମୁହିଁ ଧକ୍କାରେ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି।ଟିଙ୍ଗୁଡ଼ିଝରଣ ଗ୍ରାମର ମନୋଜ ପୁଡ଼ (୨୨) ବାଇକ୍ ଯୋଗେ ଛତାବର ଗ୍ରାମ ଆଡକୁ ଆସୁଥିବା ବେଳେ କାର୍ ସହ ମୁହାଁମୁହିଁ ଧକ୍କା କରିଥିଲେ। ଫଳରେ ବାଇକ୍ ଆରୋହୀଙ୍କ ଗୁରୁତର ହୋଇ ରାସ୍ତାରେ ଛିଟିକି ପଡ଼ିଥିଲା। ସ୍ଥାନୀୟ ଲୋକମାନେ ପୁଲିସକୁ ସୂଚନା ଦେବା ସହିତ ବାଇକ୍ ଆରୋହୀଙ୍କୁ ଛତାବର୍ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ପଠାଇଥିଲେ। ମନୋଜକୁ ଡାକ୍ତର ପ୍ରାଥମିକ ଚିକିତ୍ସା କରିବା ପରେ ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି।

## ବିଶ୍ୱସ୍ରଷ୍ଟା ଗଠନ ଭବନର ନୂତନ କର୍ମକର୍ତ୍ତା ମନୋନୀତ

**ଦେବଗଡ଼, ୬।୧(ସମିସ):** ବିଶ୍ୱସ୍ରଷ୍ଟା ଗଠନ ଭବନର ନୂତନ ପରିଚାଳନା କମିଟି ଗଠିତ ହୋଇଛି। ଭବନରେ ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ଆଦିସ୍ରଷ୍ଟାଙ୍କ ସମ୍ମୁଖରେ କମିଟି ଗଠନ କରାଯାଇଛି। ସଭାପତି ଭାବେ ମିନାକ୍ଷୀ ମିଶ୍ର, ଉପ ସଭାପତି ଅଶୋକ ଦେଓ, ସମ୍ପାଦକ ସୁଧୀର କୁମାର, ଯୁଗ୍ମ ସମ୍ପାଦକ ବିଜୟ କୁମାର, ସହ ସମ୍ପାଦକ ପୁଷ୍ପାଞ୍ଜଳି ଆମାନ୍ତ ଓ କୋଷଧକ୍ଷ ଭାବେ ଗୌରୀ ମନୋନୀତ ହୋଇଛନ୍ତି। ସେହିପରି ଯୋଜନା ଅଧିକାରୀ ଦେବକୀ, ଲାଇବ୍ରେରୀଆନ ସାବିତ୍ରୀ, ଉପ ଲାଇବ୍ରେରୀ ମିନର୍ଭା, ଯୋଜନା ସହାୟକ ଦୀପକ ଏବଂ ସଦସ୍ୟ ଭାବେ ତପନ ନାୟକ, ଯଶୋବନ୍ତ ସାହୁ, ରଞ୍ଜନ ବେହେରା ଦିଲ୍ଲୀପ ଦେଓ ଓ ସୁଷମା ମିଶ୍ରଙ୍କୁ ମନୋନୀତ କରାଯାଇଛି। ଉପଦେଷ୍ଟା ଭାବେ ଭାତୃଦେବ ପ୍ରଫୁଲ୍ଲ, ବିଭୁତି ଗଙ୍ଗଦେବ, ଟଙ୍କଧର ନାଏକ ଓ ହରିହର ବିଶ୍ୱାଳ ରହିଥିବା ଗଠନ ପକ୍ଷରୁ ସୂଚନା ଦିଆଯାଇଛି।

## ମା'ଲକ୍ଷ୍ମୀ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ; ଭୋଇମୁଣ୍ଡା ଟିମ୍ ଚାମ୍ପିଅନ

**ଝାରସୁଗୁଡ଼ା, ୬।୧(ସମିସ)**

ସଦର ବ୍ଲକ ଲୋଇସିଂହ ପଞ୍ଚାୟତ ଅଧୀନ ଭୋଇମୁଣ୍ଡାରେ ଫ୍ରେଣ୍ଡସ କ୍ଲବ୍ ଭୋଇମୁଣ୍ଡା ଆନୁକୂଲ୍ୟରେ ଆୟୋଜିତ ହୋଇଥିବା ପଞ୍ଚ ଦିବସୀୟ ନବମ ମା' ଲକ୍ଷ୍ମୀ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ଭୋଇମୁଣ୍ଡା ଓ ହିମଗିର ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଭୋଇମୁଣ୍ଡା ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୧୨୬ ରନ ସଂଗ୍ରହ କରିଥିଲେ। ପରେ ହିମଗିର ଦଳ ବ୍ୟାଟିଂ କରି ଲକ୍ଷ୍ୟକୁ ହାସଲ କରିପାରି ନଥିଲେ।



ଫାଇନାଲ ଖେଳରେ ଭୋଇମୁଣ୍ଡା ଟିମ୍ ବିଜୟୀ ହୋଇଥିବା ବେଳେ ହିମଗିର ଟିମ୍ ଉପବିଜୟୀ ହୋଇଥିଲା। ଉଦ୍‌ଯାପନୀ ତଥା ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସମାଜସେବୀ ମଙ୍ଗଳ ସାହୁ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପଞ୍ଚାନନ ମେହେର, ଜିତେନ୍ଦ୍ର ମେହେର, ମାୟାଧର ମେହେର ଓ ସନ୍ତୋଷ ମେହେର ଯୋଗଦେଇ ବିଜେତା ଓ ଉପ ବିଜେତା ଟିମ୍‌କୁ ପୁରସ୍କୃତ କରିଥିଲେ। ଅମ୍ପାୟାର ଭାବରେ ସୁଶାନ୍ତ ମେହେର, କାନ୍ତ ମେହେର, ଭୀମ ମେହେର, ବରୁଣ ଧୁରୁଆ ଓ ରାଜ ଖଡ଼ିଆ ସମସ୍ତ ଖେଳକୁ ପରିଚାଳନା କରିଥିଲେ। ଖେଳର ଧାରାବିବରଣୀ ଭୀମ ମେହେର, ଗଦାଧର କଉଡ଼ି ଓ ଲିଙ୍ଗରାଜ ମେହେର ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟକୁ ଭୀମ ମେହେର, ଗଦାଧର କଉଡ଼ି, ପ୍ରଦୀପ ମେହର, ରୋହିତ ମେହେର, ଅର୍ଜୁନ ମେହେର, ପୁଲିନ ମେହେର, ବିଜୟ ମେହେର ଓ ଆଶିଷ ମେହେରଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ସାହାଯ୍ୟ କରିଥିଲେ।

## ଜେଏମ୍‌ଏଫ୍‌ସି ଅଦାଲତର ନୂତନ କୋଠାର ଶିଳାନ୍ୟାସ



**ରିଆମାଳ, ୬।୧(ସମିସ)** ରିଆମାଳ ଜେଏମ୍ଏଫସି. ଅଦାଲତ ନିମନ୍ତେ ବିଭିନ୍ନ ନୂତନ କୋଠାର ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂଙ୍କ କରକମଳରେ କୋଠା ନିର୍ମାଣ କମିଟିର ଚେୟାରମେନ୍ ହାଇକୋର୍ଟ ବିଚାରପତି ଏସ୍.କେ. ସାହୁଙ୍କ ଉପସ୍ଥିତିରେ ଭିଡ଼ିଓ କନଫରେନ୍ସି ଯୋଗେ ଶିଳାନ୍ୟାସ ହୋଇଥିଲା। କାର୍ଯ୍ୟକ୍ରମରେ ଦେବଗଡ଼ ଜିଲ୍ଲା ଦୌରା ଜଜ୍ ଗୌତମ ଶର୍ମା, ସିଭିଲ୍ କୋର୍ଟ ରେଜିଷ୍ଟାର ବିଶ୍ୱଜିତ ମହାପାତ୍ର, ରିଆମାଳ ଜେଏମ୍ଏଫ୍‌ସି. ଅଦାଲତର ବିଚାରପତି ବିନାୟକ ପ୍ରସାଦ ସାହୁ, ତହସିଲଦାର ଜ୍ୟୋତ୍ସ୍ନାରାଣୀ ନାୟକ, ବିଡିଓ ଉଗ୍ରସେନ ଓରାମ୍, ବରିଷ୍ଠ ଓକିଲ ପ୍ରମୋଦ କୁମାର ନନ୍ଦ, ବରିଷ୍ଠ କିରାଣି ବ୍ରହ୍ମଦତ୍ତ ପ୍ରଧାନ, ଦୋଳଗୋବିନ୍ଦ ସାହୁ ସମେତ ସମସ୍ତ ଓକିଲ ବୃନ୍ଦ, ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ରିଆମାଳ ଥାନା ଅଧିକାରୀ ସତ୍ୟବ୍ରତ ରାଉତଙ୍କ ସମେତ ସଦଳବଳେ ଉପସ୍ଥିତ ଥିଲେ।

## ଧାନବୋଝେଇ ଟ୍ରକ୍ ଧକ୍କାରେ ଯୁବକ ମୃତ

**ପାଇକମାଳ, ୬ ।୧ (ସମିସ) :** ପାଇକମାଳ ବ୍ଲକ ଝାରବନ୍ଧ ରାସ୍ତା ଚୂହାପାଲି ବ୍ରିଜ୍ ପାଖରେ ଏକ ଟ୍ରକ୍ ଦୁର୍ଘଟଣାରେ ରାଜେଶ କୁମ୍ଭାର (୨୦)ଙ୍କ ପ୍ରାଣହାନି ଘଟିଛି ।ସୋମବାର ଏକ ଟ୍ରକ (ଓଡି ୧୫ସି ୧୨୯୪) ଝାରବନ୍ଧ ବ୍ଲକ ବିଳାସପୁର ଧାନମଣ୍ଡିରୁ ଧାନବସ୍ତା ଲୋଡକରି ପଦ୍ମପୁର ଅନ୍ନପୂର୍ଣ୍ଣା ରାଇସ ମିଲକୁ ଯାଉଥିଲା ବେଳେ ଚୂହାପାଲି ବ୍ରିଜ ପାରହୋଇ ଆସୁଥିବା ରାଜେଶଙ୍କୁ ଧକ୍କା ଦେଇଥିଲା । ଘଟଣାସ୍ଥଳରେ ରାଜେଶଙ୍କ ମୃତ୍ୟୁ ହୋଇଥିବା ବେଳେ ଗ୍ରାମବାସୀ ଉକ୍ତ ଟ୍ରକକୁ ଅଟକାଇ ପାଇକମାଳ- ଝରବନ୍ଧ ରାସ୍ତାରୋକ କରିଥିଲେ । ପାଇକମାଳ ପୁଲିସ ଓ ତହସିଲଦାର ସିନ୍ଧୁସୁତା ପାତ୍ର ଘଟଣାସ୍ଥଳେ ପହଞ୍ଚିଥିଲେ । ଗାଡ଼ି ମାଲିକ ପରିବାରକୁ ଅନୁକମ୍ପା ରାଶି ସାହାଯ୍ୟ କରିବାରୁ ଲୋକେ ଧାରଣରୁ ଉଠିଥିଲେ ଓ ଶବକୁ ବ୍ୟବଚ୍ଛେଦ ପାଇଁ ପଦ୍ମପୁର ପଠାଯାଇଥିଲା ।

## ଜାତୀୟ ସୁରକ୍ଷା ବାହିନୀରେ ଚୟନ ହୋଇଥିବା ଦୁଇ ଯୁବକଙ୍କୁ ସମ୍ବର୍ଦ୍ଧନା

**ଅତାବିରା, ୬। ୧(ସମିସ):** ଚଳିତ ବର୍ଷ ସିଆରପିଏଫରେ ଚୟନ ହୋଇଥିବା ଦିବ୍ୟାଂଶୁ ଛୁରିଆ ଓ ସିଆଇଏସଏଫରେ ଚୟନ ହୋଇଥିବା ପ୍ରଜ୍ଞା ପ୍ରୟାସି ପ୍ରଧାନଙ୍କୁ ମାଁ ମାହେଶ୍ୱରୀ ସେନା ଓ ଡୁମାଲ ସମାଜ, ଗମ୍ଭାରୀପାଲି କେନ୍ଦ୍ର ତରଫରୁ ସମ୍ବର୍ଦ୍ଧିତ କରାଯାଇଛି । ଗମ୍ଭାରିପାଲି ଉମା ମାହେଶ୍ୱରୀ ମନ୍ଦିରଠାରେ ଅନୁଷ୍ଠିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଜୟନ୍ତ କୁମାର କର୍ଣ୍ଣଙ୍କ ସଭାପତିତ୍ୱରେ ଲରମ୍ଭା ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଶ୍ୱିନୀ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ଯବାନଙ୍କୁ ଶୁଭେଚ୍ଛା ଦେଇଥିଲେ । ଆଇଟିବିପିରେ ଚୟନ ହୋଇଥିବା ଅମୂଲ୍ୟ କ୍ଷେତି ବର୍ତ୍ତମାନ ପ୍ରଶିକ୍ଷଣରେ ଥିବାରୁ ତାଙ୍କୁ ଶୁଭେଚ୍ଛା ବାର୍ତ୍ତା ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ମାଁ ମାହେଶ୍ୱରୀ ସେନା ତରଫରୁ ଘନଶ୍ୟାମ କମ୍ପ, ପ୍ରତୁଲ କର୍ଣ୍ଣ, ନନ୍ଦକାହ୍ନା ମହାକୁର, ପ୍ରଦୀପ କ୍ଷେତି, ସୁବ୍ରତ ପ୍ରଧାନ, ମାନସ ପ୍ରଧାନ, ବଳରାମ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ତ୍ରିଦିବସୀୟ ପ୍ରଗତି ତାଲିମ୍ ଶିବିର ଉଦ୍‌ଘାଟିତ

**ପଦ୍ମପୁର, ୬।୧ (ସମିସ):** ଡିଆଇଇଟି ବରଗଡ଼ ଆନୁକୂଲ୍ୟରେ ସାମଗ୍ରିକ ବିଦ୍ୟାଳୟ ବିକାଶ ଯୋଜନା ଆଧାରିତ ତ୍ରିଦିବସୀୟ ପ୍ରଗତି ପ୍ରଶିକ୍ଷଣ ସ୍ଥାନୀୟ ଟାଉନ୍ ଉଚ୍ଚ ବିଦ୍ୟାଳୟ ପଦ୍ମପୁର ପରିସରରେ ଉଦଘାଟିତ ହୋଇଯାଇଛି । ଏହି ପ୍ରଶିକ୍ଷଣ ମୁଖ୍ୟତଃ ପ୍ରଧାନ ଶିକ୍ଷକ ଓ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ନିମନ୍ତେ ଉଦ୍ଦିଷ୍ଟ । ରାଜବୋଡ଼ାସମ୍ବର ବ୍ଲକ ଶିକ୍ଷାଧିକାରୀ ଲୋକନାଥ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ସମାରୋହରେ ଏବିଇଓ ଶିବପ୍ରସାଦ ଯୋଶୀ, ରାମସିଂ ଭୋଇ, ବିଶି କେଶନ ଶତପଥୀ ଓ ସ୍ଥାନୀୟ ସ୍କୁଲର ପ୍ରଧାନଶିକ୍ଷକ ତରଣୀସେନ ସାହୁ ଉପସ୍ଥିତ ଥିଲେ । ସାଧନ କର୍ମୀ ଭାବରେ ଦଶରଥ ବଡ଼ଗୁଛିଆ, ଶେଷଦେବ ସାହୁ ଓ ଭ୍ରମର ପଧାନ ଯୋଗ ଦେଇଥିଲେ ଓ ସେମାନେ ଏହି ଶିବିରରେ ତିନି ଦିନ ଧରି ପ୍ରଶିକ୍ଷଣ ଦେବେ । ଏହି ଶିବିର ରେ ସମୁଦାୟ ୪୦ ଜଣ ପ୍ରଧାନଶିକ୍ଷକ ଓ ୩ ଜଣ ଏବିଇଓ ଯୋଗଦାନ କରିଛନ୍ତି । ବିରଞ୍ଚି ବିଭାର ଧନ୍ୟବାଦ୍ ଅର୍ପଣ କରିଥିବା ବେଳେ ଫୁଲମତିପୁର ସିଆରସିସି ହେମନ୍ତ ଛୁରା ବୈଷୟିକ ସହଯୋଗ କରିଥିଲେ ।

## ମାନବସେବା ଲାଗି ହାର ମାନେନି ଶାରୀରିକ ଅକ୍ଷମତା

**ମାଣ୍ଡୋସିଲ,୬ ।୧(ସମିସ):** ମାନବସେବା କରିବାକୁ ହାର ମାନେନି ଶାରୀରିକ ଅକ୍ଷମତା । ଜଣେ ଗର୍ଭବତୀ ମହିଳାକୁ ରକ୍ତଦାନ କରି ମଣିଷ ପଣିଆ ଦେଖାଇଛନ୍ତି ଦିବ୍ୟାଙ୍ଗ ସୁରେନ୍ଦ୍ର ଭୋଇ (୨୮) । ପାଇକମାଳ ବ୍ଲକ ଛିନ୍ଦେଇକେଲା ଗ୍ରାମର ସୁରେନ୍ଦ୍ର ଭୋଇ ଜଣେ ଦିବ୍ୟାଙ୍ଗ । ରବିବାର ନୂଆପଡ଼ା ଡାକ୍ତରଖାନାରେ ଜଣେ ଗର୍ଭବତୀଙ୍କୁ ଏ ପୋଜେଟିଭ ରକ୍ତ ଆବଶ୍ୟକ ପଡୁଥିବା ବେଳେ ସୁରେନ୍ଦ୍ର ଖବର ପାଇ ସ୍ୱତଃପ୍ରବୃତ୍ତ ଭାବରେ ଡାକ୍ତରଖାନା ଯାଇ ରକ୍ତଦାନ କରିଥିଲେ । ସୁରେନ୍ଦ୍ର ଜନ୍ମ ସମୟରୁ ଗୋଡ଼ ଦୁଇଟି ଖରାପ ଥିବାରୁ ଚାଲିବାରେ ଅସୁବିଧା ହେଉଛନ୍ତି । ସେ ପଞ୍ଚାୟତରୁ ଦିବ୍ୟାଙ୍ଗ ଭତ୍ତା ମଧ୍ୟ ପାଉଛନ୍ତି । ସେ ଛିନ୍ଦେଇକେଲା ଡଃ ଜୟଚନ୍ଦ୍ର ଜୀବନରେଖା ରକ୍ତ ସହାୟତା ସଂଘର ଜଣେ ସକ୍ରିୟ ସଦସ୍ୟ । ତାଙ୍କ ମହତ୍ କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି ।

## ଆତ୍ମରକ୍ଷା ତାଲିମ୍ ଶିବିର

**ବରପାଲି,୬ ।୧ (ସମିସ):** ବରପାଲି ଜଗବନ୍ଧୁ ଦାଶ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ପ୍ରଦୀପ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ମହିଳା ଆତ୍ମରକ୍ଷା ତାଲିମ୍ ଶିବିର ଆୟୋଜିତ ହୋଇଯାଇଛି । କ୍ରୀଡ଼ା ଶିକ୍ଷୟିତ୍ରୀ ବନ୍ଦିତା ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିବା ଶିବିରଟି ୮ ଦିନ ପର୍ଯ୍ୟନ୍ତ ହେବ । ଶିବିରରେ ମାଷ୍ଟର ଟ୍ରେନର୍ ଭାବରେ ଜଗବନ୍ଧୁ ଦାସ ମହିଳା ସ୍ନାତକ ମହାବିଦ୍ୟାଳୟ ପୂର୍ବତନ ଛାତ୍ରୀ ରୁପାଲି ମେହେର, ଶୁଭସ୍ମିତା ବୁଧିଆ, ରେଣୁକା ଗହୀର ଏବଂ ଝୁମି ସେଠ ପ୍ରମୁଖ ଯୋଗଦେଇ ତାଲିମ ଦେଇଥିଲେ । ଏହି ଅବସରରେ ବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ ।

## ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ବରଗଡ଼,୬ ।୧(ସମିସ):** ଅତାବିରା ବ୍ଲକ ଅନ୍ତର୍ଗତ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ଝିଲିମିଣ୍ଡାରେ ସଡ଼କ ସୁରକ୍ଷା ସପ୍ତାହ ବିଦ୍ୟାଳୟର ଜୁନିଅର ରେଡକ୍ରସ୍ ଦ୍ୱାରା ପାଳିତ ହୋଇଯାଇଛି । ବିଦ୍ୟାଳୟର ଜୁନିଅର ରେଡକ୍ରସ୍ କାଉନସିଲର ତଥା ଜିଲ୍ଲା ସାଧନକର୍ମୀ ଧର୍ମରାଜ ପ୍ରଧାନଙ୍କ ନେତୃତ୍ୱରେ ଜୁନିଅରମାନେ ବିଭିନ୍ନ ସ୍ଲୋଗାନ ଦେଇ ଗ୍ରାମରେ ପଦଯାତ୍ରା କରିଥିଲେ । ବାଟରେ ମୋଟରସାଇକଲ ଆରୋହୀଙ୍କୁ ଅଟକାଇ ହେଲମେଟ ପିନ୍ଧି ବାଇକ୍ ଚଳାଇବାକୁ ଅନୁରୋଧ କରିଥିଲେ ।

## ତୁର୍ଲା ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ବରଗଡ଼,୬ ।୧(ସମିସ):** ଝାରବନ୍ଧ ଗ୍ରାମ ପଞ୍ଚାୟତ ଅଧୀନସ୍ଥ ତୁର୍ଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଜୟଦୁର୍ଗା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଶିକ୍ଷାଧିକାରୀ ଶୁଭମ ପତି ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି କ୍ରୀଡ଼ା ଉତ୍ସବକୁ ଉଦଘାଟନ କରିଛନ୍ତି । ଏବିଇଓ ଦିବ୍ୟକିଶୋର ପଣ୍ଡା, ସିଆରସିସି ଗୋପାଳ ହରିଜନ, ଜୟଦୁର୍ଗା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ କାଦମ୍ବିନୀ ସାହୁ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ତ୍ରିଲୋଚନ ଝାଙ୍କର, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ବିହାରୀ କଲେତ ମଞ୍ଚାସୀନ ଅତିଥି ଥିଲେ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ପୁଚି, ବସ୍ତା ଦୌଡ଼, ଗଣଦୌଡ଼, ଲମ୍ବଡିଆ, ଉଚ୍ଚଡିଆ ଆଦି ଖେଳ କରାଯାଇଥିଲା ।

## ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

**ଗାଇସିଲେଟ, ୬।୧(ସମିସ):** ବରଗଡ଼ ଜିଲ୍ଲା ମେଲଛାମୁଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟଳୟରେ ଅଧ୍ୟକ୍ଷ ଡ. ସରୋଜ କୁମାର ଦାଶଙ୍କ ଦ୍ୱାରା ଆତ୍ମରକ୍ଷା ତାଲିମ ଶିବିର ଉଦଘାଟିତ ହୋଇଛି । ପ୍ରୋଗ୍ରାମ କୋଅର୍ଡିନେଟର ଅଧ୍ୟାପକ ମହେଶ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ମାଷ୍ଟର ଟ୍ରେନର ସୁଶ୍ରୀ ସୁନୀତି ମହାପାତ୍ର ୭୨ ଜଣ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ଶିଖାଇଥିଲେ । କାର୍ଯ୍ୟକ୍ରମରେ ଅଧ୍ୟାପକ ଭୂପତି କାଲୋ, ଅଧ୍ୟାପକ ଅମିୟ ରଣା, ଅଧ୍ୟାପିକା ଦୀପାଞ୍ଜଳି ତନସନା, ସୁବାସ ପ୍ରଧାନ, ସୁନିଲ କୁମାର ଜୈନ, ହୃଷୀକେଶ ସାହୁ, ଉପେନ୍ଦ୍ର ଜାଲ, ମିନତି ରଥ, ସବିତା ସେଠ, ସଂଯୁକ୍ତା କାଣ୍ଡ ଉପସ୍ଥିତ ଥିଲେ ।

# ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଚୂଡ଼ାନ୍ତ ଭୋଟର ତାଳିକା ପ୍ରକାଶିତ




**ବରଗଡ଼,୬ ।୧(ସମିସ)**

ବରଗଡ଼ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ସ୍ୱୀକୃତିପ୍ରାପ୍ତ ସମସ୍ତ ଜାତୀୟ ଏବଂ ରାଜ୍ୟସ୍ତରୀୟ ରାଜନୈତିକ ଦଳଗୁଡିକର ସଭାପତିଙ୍କ ଉପସ୍ଥିତିରେ ଚୂଡ଼ାନ୍ତ ଭୋଟର ତାଲିକା ୨୦୨୫ ର ଅନ୍ତିମ ପ୍ରକାଶନୀ ପ୍ରକାଶ ପାଇଥିଲା । ଉକ୍ତ ସଭାରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଆଦିତ୍ୟ ଗୋୟଲ, ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ ଉପସ୍ଥିତ ଥିଲେ । ଏଥିରେ ବରଗଡ଼ ଜିଲ୍ଲାର ବିଭିନ୍ନ ନିର୍ବାଚନ ମଣ୍ଡଳୀର ଲିଙ୍ଗୀୟ ଅନୁପାତ ଓ ଭୋଟର-ଜନସଂଖ୍ୟା ଅନୁପାତ ମଧ୍ୟ ପ୍ରକାଶିତ ହୋଇଥିଲା । ପଦ୍ମପୁର ନିର୍ବାଚନୀ ମଣ୍ଡଳୀର ସମୁଦାୟ ଭୋଟର ସଂଖ୍ୟା ୨୭୨୬୯୨ ଥିବାବେଳେ ପୁରୁଷ ଭୋଟର ସଂଖ୍ୟା ୧୩୪୯୯୪, ମହିଳା ଭୋଟର ସଂଖ୍ୟା ୧୩୭୬୯୦ ଏବଂ ୮ ଜଣ ତୃତୀୟ ଲିଙ୍ଗୀ ଭୋଟର ରହିଛନ୍ତି । ବିଜେପୁର ନିର୍ବାଚନୀ ମଣ୍ଡଳୀର ସମୁଦାୟ ଜନସଂଖ୍ୟା ୨୪୩୮୧୪ ଥିବାବେଳେ ପୁରୁଷ ଭୋଟର ସଂଖ୍ୟା ୧୨୨୯୭୭ , ମହିଳା ଭୋଟର ସଂଖ୍ୟା ୧୨୦୮୨୬ ଏବଂ ୧୧ ଜଣ ତୃତୀୟ ଲିଙ୍ଗ ଭୋଟର ରହିଛନ୍ତି । ବରଗଡ଼ ନିର୍ବାଚନୀ ମଣ୍ଡଳୀର ସମୁଦାୟ ଜନସଂଖ୍ୟା ୨୨୧୨୬୧ ଥିବାବେଳେ ପୁରୁଷ ଭୋଟର ସଂଖ୍ୟା ୧୧୧୧୫୦, ମହିଳା ଭୋଟର ସଂଖ୍ୟା ୧୧୦୦୯୧ ଏବଂ ୨୦ ଜଣ ତୃତୀୟ ଲିଙ୍ଗୀ ଭୋଟର ରହିଛନ୍ତି । ଅତାବିରା (ଏସ.ସି) ନିର୍ବାଚନୀ ମଣ୍ଡଳୀର ସମୁଦାୟ ଜନସଂଖ୍ୟା ୨୨୬୪୨୦ ଥିବାବେଳେ ପୁରୁଷ ଭୋଟର ସଂଖ୍ୟା ୧୧୩୮୧୦, ମହିଳା ଭୋଟର ସଂଖ୍ୟା ୧୧୨୬୦୭ ଏବଂ ୩ ଜଣ ତୃତୀୟ ଲିଙ୍ଗୀ ଭୋଟର ରହିଛନ୍ତି । ଭଟଲି ନିର୍ବାଚନୀ ମଣ୍ଡଳୀର ସମୁଦାୟ ଜନସଂଖ୍ୟା ୨୩୩୫୬୭ ଥିବାବେଳେ ପୁରୁଷ ଭୋଟର ସଂଖ୍ୟା ୧୧୮୬୧୨, ମହିଳା ଭୋଟର ସଂଖ୍ୟା ୧୧୪୯୫୩ ଏବଂ ୨ ଜଣ ତୃତୀୟ ଲିଙ୍ଗୀ ଭୋଟର ରହିଛନ୍ତି । ବରଗଡ଼ ଜିଲ୍ଲାର ସର୍ବମୋଟ ଭୋଟର ସଂଖ୍ୟା ୧୧୯୭୭୫୪ , ଯେଉଁଥିରେ ସମୁଦାୟ ପୁରୁଷ ସଂଖ୍ୟା ୬୦୧୫୪୩, ସମୁଦାୟ ମହିଳା ସଂଖ୍ୟା ୫୯୬୧୬୭ ଏବଂ ମୋଟ ୪୪ ଜଣ ତୃତୀୟ ଲିଙ୍ଗୀ ଭୋଟର ରହିଛନ୍ତି ।

## ଓଡ଼ିଶାର ପ୍ରଥମ କସ୍‌ମେଟିକ୍ ଗାଇନେକୋଲୋଜି ୟୁନିଟ୍ ଉଦ୍‌ଘାଟିତ



**ବରଗଡ଼,୬ ।୧ (ସମିସ):** ଓଡ଼ିଶାର ପ୍ରଥମ କସ୍ମେଟିକ ଗାଇନେକୋଲୋଜି ୟୁନିଟ ଏବଂ ପୂର୍ବ ଭାରତର ପ୍ରଥମ ଭାଲ୍ଭର କ୍ଲିନିକ୍ ଡାକ୍ତର ଶକ୍ତି ଏଣ୍ଡ ଡାକ୍ତର ଇପ୍ସିତା କ୍ଲିନିକରେ ଡକ୍ଟର ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି । ସ୍ୱୟଂସିଦ୍ଧା ଭବନଠାରେ ଓଡ଼ିଶାର ପ୍ରଥମ କସମେଟିକ୍ ଗାଇନୋକୋଲୋଜି ସମ୍ପର୍କିତ କର୍ମଶାଳା ଓଡ଼ିଶାର ଶହେରୁ ଊର୍ଦ୍ଧ୍ୱ ପ୍ରତିଷ୍ଠିତ ଡାକ୍ତରଙ୍କ ଗହଣରେ ଉଦଘାଟିତ ହୋଇଯାଇଛି । ଡାକ୍ତର ଶକ୍ତି କୁମାର ତ୍ରିପାଠୀ ଓ ଡାକ୍ତର ଇପ୍ସିତା ଦେବତାଙ୍କ ବଳିଷ୍ଠ ଉଦ୍ୟମରେ ଏହି କର୍ମଶାଳାରେ ଡାକ୍ତର ଶକ୍ତି ଓ ଡାକ୍ତର ଇପ୍ସିତା ଅପରେଟିଂ ଫାକଲ୍ଟି ଭାବରେ ବହୁ ନୂତନ ସର୍ଜରୀର ସିଧସଳଖ ପ୍ରସାରଣ କରିଥିଲେ । କୁନି କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସ୍ତ୍ରୀ ରୋଗ ନିରାକରଣ , ସୌନ୍ଦର୍ଯ୍ୟ ବିଜ୍ଞାନ କ୍ଷେତ୍ରରେ ଏହି ଅନୁଷ୍ଠାନ ଏକ ଅଭିନବ ଓ ଅନନ୍ୟ ସଫଳତା ପ୍ରଦାନ କରିଛି ।

## ଇପିଏଫ୍ ଦ୍ୱାରା ଜାରି ବର୍ଦ୍ଧିତ ପେନସନ୍ ପାଇଁ ଦାବିପତ୍ର ପ୍ରଦାନ

**ବରଗଡ଼,୬। ୧(ସମିସ):** ସୋମବାର ବରଗଡ଼ ଏସିସି ସିମେଣ୍ଟ କାରଖାନାର ଅବସରପ୍ରାପ୍ତ କର୍ମଚାରୀମାନେ ସତ୍ୟ ନାରାୟଣ ପଣ୍ଡାଙ୍କ ଆହ୍ୱାନ କ୍ରମେ ତଥା ବିକ୍ରମାଦିତ୍ୟ ମିଶ୍ର, ଗୋବିନ୍ଦ ଦାଶ ଓ ଦେବୀ ପଟ୍ଟନାୟକଙ୍କ ନେତୃତ୍ୱରେ କାରଖାନାର ଅଧିକାରୀଙ୍କୁ ଭେଟି ଇପିଏଫ୍ ଦ୍‌ବାରା ଜାରି ବର୍ଦ୍ଧିତ ପେନ୍‌ସନ୍ ଆପ୍ଲିକେସନ ଫର୍ମକୁ ଶୀଘ୍ର ଇପିଏଫ୍ ଅଫିସକୁ ଫରୱାର୍ଡ କରିବାକୁ କହିଥିଲେ । କାର୍ଯ୍ୟକ୍ରମରେ ଲଳିତ କୁମାର ସାହୁ, ଚନ୍ଦ୍ରଶେଖର କାଳିଆ, ଦୟାନିଧି ପ୍ରଧାନ, ଲୋକନାଥ ଆଚାର୍ଯ୍ୟ, ବିନୋଦ ବିହାରୀ ପଣ୍ଡା, ବିଶ୍ୱ ନାରାୟଣ ମିଶ୍ର, ଅଶୋକ କୁମାର ପ୍ରଧାନ, ନିରୋଜ ବିଶ୍ୱାଳ, ପ୍ରଦୀପ ସାହୁ, ଯୋଗେଶ୍ୱର ସୁପକାର, ଗଣେଶ ପାଣିଗ୍ରାହୀ, ସୁଧୀର ଦାଶ, ଚେମରୁ ସାହୁ ପ୍ରମୁଖ ଶତାଧିକ କର୍ମଚାରୀ ଯୋଗ କରିଥିଲେ ।



## ନୂତନ ଦାରୁ ଛେଦନ ଲାଗି ପଦଯାତ୍ରା



**ବରଗଡ଼,୬ ।୧(ସମିସ):** ସୋମବାର ମାଁ ଖମ୍ଭେଶ୍ୱରୀ ଏବଂ ଶାଳକାବାଡ଼ି ନୂତନ ଦାରୁ ଛେଦନ ପାଇଁ କୁରୁଆଁ ମାଁ ଉମା ମାହେଶ୍ୱରୀ ଶକ୍ତି ପୀଠରୁ ଲହଣ୍ଡା ଗ୍ରାମ ଅଭିମୁଖେ ପଦଯାତ୍ରା ଆରମ୍ଭ ହୋଇଥିଲା । ମାଁ ମାହେଶ୍ୱରୀ ସଂସ୍କୃତି ଆଧାରରେ ମାଁ ଉମା ମାହେଶ୍ୱରୀଙ୍କ ପାର୍ଶ୍ୱଦେବା ଦେବୀ ପୀଠରେ ପୂଜା ପାଉଛନ୍ତି । ସେଥିମଧ୍ୟରୁ ମାଁ ଖମ୍ଭେଶ୍ୱରୀ ରୋହିଣୀ ସ୍ତମ୍ଭ ରୂପେ ମନ୍ଦିର ସମ୍ମୁଖରେ ପୂଜା ପାଆନ୍ତି ଏବଂ ମାଁ ପରମେଶ୍ୱରୀ ଭୁବନେଶ୍ୱରୀ ଶାଳକା ନାମେ ମହୁଲ ଗଛର ବାଡ଼ି ରୂପେ ପୂଜା ପାଆନ୍ତି । ବହୁବର୍ଷରେ ଥରେ ଏହି ପର୍ବ ଅନୁଷ୍ଠିତ ହୁଏ । ବୃକ୍ଷ ଛେଦନ ପଦଯାତ୍ରାରେ ପୀଠରେ ପୂଜାର୍ଚ୍ଚନା ସାରି ବରୁଆ ମଡ଼େଇ କୁରୁଆଁ ପୀଠରୁ ବାହାରିଥିଲେ । କୁରୁଆଁ ଗ୍ରାମବାସୀ ଖଲିଆପାଲି ପର୍ଯ୍ୟନ୍ତ ପଦଯାତ୍ରାରେ ସାମିଲ ହୋଇଥିଲେ । ଏହି ପଦଯାତ୍ରା ଉତ୍ସବରେ ସମସ୍ତ ମନ୍ଦିର କମିଟି.ସେବାୟତ ଓ କୁରୁଆଁ ଅଞ୍ଚଳବାସୀ ଏବଂ ମାଁ ମାହେଶ୍ୱରୀ ସେନାର ସଦସ୍ୟମାନେ ସହଯୋଗ କରିଥିଲେ ।

## ୧୪ରୁ ଗୁଦେରପାଲି ୟୁଜିୟୁପି ସ୍କୁଲର ଶତବାର୍ଷିକୀ ଉତ୍ସବ

**ଗୁଦେରପାଲି,୬।୧(ସମିସ):** ଗାଇସିଲେଟ ବ୍ଲକ ଅନ୍ତର୍ଗତ ଗୁଦେରପାଲି ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଆସନ୍ତା ୧୪ ଏବଂ ୧୫ତାରିଖରେ ଶତବାର୍ଷିକୀ ଉତ୍ସବ ପଳନ କରାଯିବ । ଏହି ଅବସରରେ ଗୁଦେରପାଲି ଗାଁ ମୁଣ୍ଡରେ ୨୦ ଫୁଟ ଉଚ୍ଚତା ଏବଂ ୨୪ ଫୁଟ ଚଉଡ଼ାର ଏକ ପ୍ରବେଶ ତୋରଣ ସାଙ୍ଗକୁ ୟୁପି ସ୍କୁଲ୍ ସମ୍ମୁଖରେ ଏକ ୧୪ଫୁଟ ଉଚ୍ଚତା ଏବଂ ୧୯ ଫୁଟ ଚଉଡ଼ାର ଏକ ସ୍କୁଲ ପ୍ରବେଶ ତୋରଣ ନିର୍ମାଣ କରାଯାଇଛି । ସ୍କୁଲ ପରିସର ସଫେଇ ସାଙ୍ଗକୁ ଶ୍ରେଣୀ କୋଠରୀ ଗୁଡ଼ିକୁ ନାନା ରଙ୍ଗ ଓ ଆଲୋକ ମାଳାରେ ସୁସଜ୍ଜିତ କରିବା ପାଇଁ ପ୍ରସ୍ତୁତି ଚାଲିଛି । ଏଥିରେ ସମସ୍ତ ପୁରାତନ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଶିକ୍ଷାପ୍ରେମୀ ତଥା ଜନସାଧାରଣଙ୍କୁ ଦେଖିବାକୁ ମିଳିବ । ଦୁଇଦିନ ବ୍ୟାପୀ ସମଗ୍ର ଗୁଦେରପାଲି ଗ୍ରାମବାସୀ, ଶିକ୍ଷକ ଶିକ୍ଷୟିତ୍ରୀ, ପୁରାତନ ଛାତ୍ରଛାତ୍ରୀ ଏବଂ ଉପସ୍ଥିତ ଅତିଥିମାନେ ଏକତ୍ର ଭୋଜନ କରିବେ ବୋଲି କମିଟି ନିଷ୍ପତ୍ତି ନେଇଛି । ପ୍ରଥମ ଦିବସରେ ଗ୍ରାମଦେବତୀଙ୍କ ପାଖରୁ ଉଦଘାଟନୀ ମଶାଲ ଯାତ୍ରା, ନୂତନ ତୋରଣର ଉଦାଘାଟନ, ହାସ୍ୟକବି ସମ୍ମିଳନୀ, ସ୍ମରଣିକା ଉନ୍ମୋଚନ, ସଂଧ୍ୟାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଲଘୁ ନାଟକ କରାଯିବାର କାର୍ଯ୍ୟକ୍ରମ ରହିଛି । ସେହିପରି ଦ୍ୱିତୀୟ ଦିନରେ ଗୁରୁପୂଜନ, ଛାତ୍ରଛାତ୍ରୀଙ୍କ ଦ୍ୱାରା ଗୀତ ନୃତ୍ୟ ପରିବେଷଣ ସଂଧ୍ୟାରେ ଘେଁସ ଡ୍ରାମା ଏକାଡେମୀ ଦ୍ୱାରା ନାଟକ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ଶତବାର୍ଷିକୀ ଉତ୍ସବ ଉଦଯାପିତ ହେବ ।

## ଓଡ଼ିଶା ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ଶାଖାର ବନ୍ଧୁମିଳନ




**ବରଗଡ଼,୬ ।୧(ସମିସ):** ଓଡ଼ିଶା ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ବରଗଡ଼ ଶାଖାର ବାର୍ଷିକ ବନ୍ଧୁମିଳନ କାର୍ଯ୍ୟକ୍ରମ ଗୋବିନ୍ଦପୁର ପକ୍ଷୀ ବିହାର ଠାରେ ଅନୁଷ୍ଠିତ ହୋଇଯାଇଛି । ସଂଘ ସଭାପତି ଲୋକନାଥ ଭୁଏଙ୍କ ଅଧ୍ୟକ୍ଷତାରେ ଓ ସମ୍ପାଦକ ନରୋତ୍ତମ ପଣ୍ଡାଙ୍କ ସଂଯୋଜନାରେ ସଭା ହୋଇଥିଲା । ସ୍ୱର୍ଗତ ଧୀରଜ କୁମାର ବାଙ୍କଙ୍କ ସ୍ମୃତିରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯଇଥିଲା । ସଂଘର ନୂତନ ସଦସ୍ୟଙ୍କୁ ସ୍ୱାଗତ କରି ସମ୍ମାନିତ କରାଯାଇଥିଲା । ଉତ୍ସବରେ ସଂଘର ସମସ୍ତ ଜିଲ୍ଲାସ୍ତରୀୟ ପଦାଧିକାରୀ ଓ ସଦସ୍ୟ ଉପସ୍ଥିତ ଥିଲେ । ଉପସଭାପତି ବଳରାମ ସେଠ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ନସ୍ୟ ବଣଭୋଜି ଅନୁଷ୍ଠିତ ହୋଇଥିଲା ।

## ନଟରାଜ କଳା ପରିଷଦର ବାର୍ଷିକ ଉତ୍ସବ

**ଅତାବିରା, ୬ । ୧(ସମିସ):** ସ୍ଥାନୀୟ ନଟରାଜ କଳା ପରିଷଦର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସ୍‌ବାଗତ ସଙ୍ଗୀତ ପରିବେଷଣ ପରେ ନଟରାଜ କଳା ପରିଷଦ ସଭାପତି ନିର୍ମଳ ଚନ୍ଦ୍ର ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବିଧାୟକ ନିହାର ରଞ୍ଜନ ମହାନନ୍ଦ, ସମ୍ମାନିତ ଅତିଥି ଭାବେ ଥାନାଧିକାରୀ ସୁକୁମାର ତ୍ରିପାଠୀ, କଳାପ୍ରେମୀ ଅରୁଣ ହୋତା ଯୋଗ ଦେଇଥିଲେ । କୃତୀ ଛାତ୍ର ଛାତ୍ରୀଙ୍କୁ ମାନପତ୍ର ଓ ସାର୍ଟିଫିକେଟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ଅନୁଷ୍ଠାନର ରାଜେଶ ଭୋଇ, ସଦାନନ୍ଦ ହରିପାଲ, ଚୈତନ୍ୟ ଭୋସାଗର, ପୂଜା ପରିମିତା ସାହୁ ସହଯୋଗ କରିଥିଲେ । ପରେ ଛାତ୍ରଛାତ୍ରୀ ନୃତ୍ୟ ପରିବେଷଣ କରିଥିଲେ ।

## କ୍ରୀଡ଼ାବିତ୍ ସନ୍ତୋଷଙ୍କୁ ଅଭିନନ୍ଦନ ଜଣାଇଲେ ଭଟଲି ବିଧାୟକ



**ବରଗଡ଼,୬। ୧(ସମିସ):** ଭଟଲି ବିଧାୟକ ଇରାଶିଷ୍ ଆଚାର୍ଯ୍ୟ କ୍ରୀଡ଼ାବିତ୍ ସନ୍ତୋଷ କୁମାର ପଧାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଶ୍ରୀ ପଧାନ ଆଗାମୀ ବ୍ୟାଙ୍କକରେ ଆୟୋଜିତ ହେଉଥିବା ପଞ୍ଚମ ଥାଇଲାଣ୍ଡ ଆନ୍ତର୍ଜାତିକ ମାଷ୍ଟର ଓପନ୍ ଗେମରେ ଭାରତୀୟ ମାଷ୍ଟର ସଂଘ ତରଫରୁ ପ୍ରତିନିଧିତ୍ୱ କରିବେ । ଓଡ଼ିଶାରୁ ଚାରିଜଣ ପ୍ରତିଯୋଗୀ ଯଥା, ସନ୍ତୋଷ କୁମାର ପଧାନ (ବରଗଡ଼), ପ୍ରକାଶ କୁମାର ଗଡ଼ନାୟକ (ଅନୁଗୋଳ), କିଶୋର ଚନ୍ଦ୍ର ରଥ (ଗଜପତି) ଏବଂ ଟୁକୁ ସେଠି (ବ୍ରହ୍ମପୁର) ଭାରତ ପାଇଁ ନିଜ ନିଜ ବର୍ଗରେ ପ୍ରତିନିଧିତ୍ୱ କରିବେ । ଗତ ଅକ୍ଟୋବରରେ ଆୟୋଜିତ ହୋଇଥିବା ୩୬ ତମ ଆନ୍ତର୍ଜାତିକ ମାଲେସିଆନ୍ ଓପନ ଆଥଲେଟିକ୍ସ ଚାମ୍ପିଅନସିପରେ ଶ୍ରୀ ପଧାନ ନିଜ ରାଜ୍ୟ ତଥା ଦେଶ ପାଇଁ ପ୍ରତିନିଧିତ୍ୱ କରି ଗୋଟିଏ ସ୍ୱର୍ଣ୍ଣ ଏବଂ ତିନୋଟି ରୌପ୍ୟ ପଦକ ହାସଲ କରିଥିଲେ । ଥାଇଲାଣ୍ଡ ଆନ୍ତର୍ଜାତିକ ମାଷ୍ଟର ଗେମ୍ ପରେ ଏସିଆନ୍ ମାଷ୍ଟର ଆଥଲେଟିକ୍ସ ଚାମ୍ପିଅନସିପ୍ ଏବଂ ବିଶ୍ୱ ମାଷ୍ଟର ଗେମରେ ଭାରତ ତରଫରୁ ପ୍ରତିନିଧିତ୍ୱ କରି ନିଜ ଜିଲ୍ଲା,ରାଜ୍ୟ, ତଥା ଦେଶ ପାଇଁ ପଦକ ହାସଲ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି । ଆଜି ବିଧାୟକ ଇରାଶିଷ୍ ଆଚାର୍ଯ୍ୟ ଶ୍ରୀ ପଧାନଙ୍କୁ ଆର୍ଥିକ ପ୍ରୋତ୍ସାହନ ଏବଂ.ଆଗାମୀ ସମସ୍ତ ଖେଳ ପାଇଁ ସହଯୋଗ ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

## ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



**ବରପାଲି, ୬।୧ (ସମିସ):** ବରପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ ପାଳିତ ହୋଇଯାଇଛି । ସମାରୋହରେ ମୁଖ୍ୟଅତିଥି ଭାବେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ତଥା ବରଣ୍ୟ ଅତିଥି ଭାବରେ ବିଜେପୁର ବିଧାୟକ ସନତ କୁମାର ଗଡ଼ତିଆ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ମୁଖ୍ୟବକ୍ତା ବରଗଡ଼ ସହସଂଘ ସଂଚାଳକ ଡ. ସତ୍ୟସାଇ ନାଏକ , ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଯଦୁମଣି ବିଶି, ସମ୍ପାଦକ ଅଧ୍ୟାପକ ରାଜେଶ କୁମାର ରାୟ , ପ୍ରଧାନ ଆଚାର୍ଯ୍ୟ ନିରଞ୍ଜନ ହୋତା ଯୋଗଦେଇଥିବା ବେଳେ ଶୈକ୍ଷିକ ପ୍ରମୁଖ ଧର୍ମେନ୍ଦ୍ର ପୂଜାରୀ ସଭାକାର୍ଯ୍ୟ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ପୂର୍ବତନ ଛାତ୍ର ସାହିଲ ସାହୁ ଓଡ଼ିଶା ପ୍ରଶାସନିକ ସେବାରେ କୃତକାର୍ଯ୍ୟ ହୋଇଥିବା ଯୋଗୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମରେ ପ୍ରାୟ ୩୫୦ ରୁ ଊର୍ଦ୍ଧ୍ୱ ଶିଶୁ ପ୍ରତିଭା ପ୍ରଦର୍ଶନ କରିଥିଲେ ।

# କ୍ରିଷ୍ଣା ବିକାଶ କ୍ରିକେଟ୍ କାର୍ଣ୍ଣିଭାଲର ତୃତୀୟ ସଂସ୍କରଣ ଉଦ୍‌ଘାଟିତ

**ବରଗଡ଼,୬ ।୧ (ସମିସ)**



କ୍ରିଷ୍ଣା ବିକାଶ କ୍ରିକେଟ୍ ଗ୍ରାଉଣ୍ଡ, ବରାହଗୁଡ଼ାଠାରେ କ୍ରିଷ୍ଣା ବିକାଶ କ୍ରିକେଟ୍ କାର୍ଣ୍ଣିଭାଲର ତୃତୀୟ ସଂସ୍କରଣ ଉଦ୍‌ଘାଟିତ ହୋଇଯାଇଛି । ସମ୍ମାନିତ ଅତିଥି ଭାବରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ଓ ବିଜେପୁର ବିଧାୟକ ସନତ କୁମାର ଗଡ଼ତିଆ ଯୋଗଦେଇ ଖେଳାଳିଙ୍କ ସହିତ କରମର୍ଦ୍ଦନ କରି ଉତ୍ସାହିତ କରିଥିଲେ । ଏଥିରେ ୬ଟି ଦଳ ଭାଗ ନେଇ ୧୫ ଓଭର୍ ବିଶିଷ୍ଟ ମ୍ୟାଚ ଖେଳିବେ । କ୍ରିଷ୍ଣା ବିକାଶ ଗ୍ରୁପର ଚେୟାରମେନ୍ ଡି ମୁରଲୀ କ୍ରିଷ୍ଣା ଉଦ୍‌ଘାଟନୀ ଉତ୍ସବରେ ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇବା ସହିତ ବିଜେତା ଦଳକୁ ୨୧,୦୦୦/- ଟଙ୍କା ଓ ଉପବିଜେତା ଦଳକୁ ୧୧,୦୦୦/- ଟଙ୍କାର ନଗଦ ରାଶି ପୁରସ୍କାର ସ୍ୱରୂପ ପ୍ରଦାନ କରିବାକୁ ଘୋଷଣା କରିଛନ୍ତି । ଆଜିକାର ଉଦ୍‌ଘାଟନୀ ମ୍ୟାଚ୍‌ରେ କ୍ରିଷ୍ଣା ଓଜି ମେଷ୍ଟ୍ରୋ ଦଳ ମେଡିକୋ ମେଭେରିକ୍ସକୁ ୯ ୱିକେଟ୍‌ରେ ପରାସ୍ତ କରିଥିଲା । ରାୟପୁର କ୍ରିକେଟ୍ ଗ୍ରାଉଣ୍ଡରେ ରାୟପୁର କ୍ୟାପିଟାଲ୍ ଦଳ କ୍ରିଷ୍ଣା ଏଭେଞ୍ଜର୍ସକୁ ୬ ୱିକେଟ୍‌ରେ ପରାସ୍ତ କରିଥିଲା । ଉକ୍ତ କାର୍ଯ୍ୟକ୍ରମରେ କ୍ରିଷ୍ଣା ବିକାଶ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନର ମୁଖ୍ୟ କ୍ରୀଡ଼ା ଶିକ୍ଷକ ପିତାମ୍ବର ପ୍ରଧାନ ସଂଯୋଜକ ଦାୟିତ୍ୱ ତୁଲାଉଛନ୍ତି । କାର୍ଯ୍ୟକ୍ରମରେ କ୍ରିଷ୍ଣା ବିକାଶ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍‌ର ଡାଇରେକ୍ଟର୍ ଡ. ସମରେନ୍ଦ୍ର ନାଥ ପଣ୍ଡା, କ୍ରିଷ୍ଣା ବିକାଶ ହସ୍ପିଟାଲର ସିଇଓ ସି ଏଚ୍. ରବି କୁମାର, କ୍ରିଷ୍ଣା ବିକାଶ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନର ଏଚଆର୍ ହେଡ୍ ଅଶ୍ୱିନୀ ନାୟକ, କ୍ରିକେଟ୍ କୋଚ୍ ଅଶୋକ ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

କଂସ ପ୍ରେରିତ ପୂତନା, ବକା, ଷଣ୍ଢାସୁର, ଅଘାସୁରଙ୍କ ନିଧନ

# ଗୋପରେ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା

**ବରଗଡ଼,୬ ।୧(ସମିସ):**



ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ମହୋତ୍ସବର ଚତୁର୍ଥ ଦିବସରେ ଗୋଟିଏ ପଟେ ମଥୁରାନଗରୀରେ ଶୂନ୍ୟବାଣୀ ପରେ କଂସ ଭୟଭୀତ ହୋଇପଡ଼ିଥିବା ବେଳେ ଅନ୍ୟପଟେ ଗୋପପୁରରେ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା ଦୃଷ୍ୟାଭିନୟ ଖୁବ୍ ସୁନ୍ଦର ହୋଇଥିଲା। କଂସ ମହାରାଜଙ୍କ ପ୍ରେରିତ ରାକ୍ଷସୀ, ରାକ୍ଷସ ଗୋପପୁରରେ ବଧ ହେବା ଜାଣି ମହାରାଜ କଂସ ପୂର୍ବାପେକ୍ଷା ଆହୁରି ବିଚଳିତ ହୋଇପଡ଼ିଥିଲେ। ଅନ୍ୟପଟେ ନନ୍ଦ ଭବନରେ ନନ୍ଦରାଣୀ, ନନ୍ଦରାଜା ମେଲାଣି ଦେବା ପରେ ଶ୍ରୀକୃଷ୍ଣ, ବଳରାମ ଗୋପାଳ ବାଳକଙ୍କ ଗହଣରେ ଗୋପଦାଣ୍ଡ ପରିକ୍ରମା କରିଥିଲେ। ଗୋପପୁରବାସୀ କୃଷ୍ଣ ବଳରାମଙ୍କ ପାଦଧୋଇ ପୂଜାର୍ଚ୍ଚନା କରିଥିଲେ। କୃଷ୍ଣ ବଳରାମ ଗୋପ ମଣ୍ଡପରେ ପହଞ୍ଚି ଗୋପାଳ ବାଳକଙ୍କ ସହ ଖେଳୁଥିଲେ। ମାତା ଯଶୋଦା କୃଷ୍ଣ ମାଟି ଖାଉଥିବା ଖବର ପାଇ ଯାଇ କୃଷ୍ଣଙ୍କ ପାଟିଖୋଲି ବିଶ୍ୱବ୍ରହ୍ମାଣ୍ଡ ଦେଖି ଅଚେତ୍ ହୋଇପଡ଼ିଥିଲେ। ରାଣୀଙ୍କୁ ସଙ୍ଗେ ସଙ୍ଗେ ରାଜ ଉଆସକୁ ଅଣାଯାଇଥିଲା। କଂସ ପ୍ରେରିତ ପୂତନା, ବକା, ଶକଟା, ତୃଣା, ଧେନୁ, ଷଣ୍ଢାସୁର, ଅଘାସୁର ଆଦି ରାକ୍ଷାସ, ରାକ୍ଷସୀ ଜଣେ ପରେ ଜଣେ ଶ୍ରୀକୃଷ୍ଣଙ୍କ ସ୍ପର୍ଶରେ ନିଧନ ହୋଇଥିଲେ। ଅପରପକ୍ଷେ ମହାଭାଗ କଂସ ମଥୁରା ଭ୍ରମଣରେ ବାହାରି ବାଣିଜ୍ୟକର ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଉଥିଲେ। ସେଠାରେ ମୁକ୍ତେଶ୍ୱର ମନ୍ଦିରକୁ ଯାଇ ରୁଦ୍ରାଭିଷେକ କରିଥିଲେ। ସେଠାରୁ ରଙ୍ଗମହଲକୁ ଯାଇ ନୃତ୍ୟଗୀତରେ ମସଗୁଲ ହୋଇଥିଲେ ଏବଂ ପରେ ରାଜ ଦରବାରକୁ ଯାଇ ମଥୁରାନଗରୀର ଖବର ବୁଝିଥିଲେ। ପୂର୍ବଦିନ ଅପେକ୍ଷା ଆଜି ପ୍ରବଳ ଭିଡ଼ ପରିଲକ୍ଷିତ ହୋଉଛି । ପୁଲିସ ପ୍ରଶାସନ ପକ୍ଷରୁ ପ୍ରତ୍ୟେକ ଛକରେ ଟ୍ରାଫିକ ବ୍ୟବସ୍ଥା କଡ଼ା କଡ଼ି କରାଯାଇଛି। ମହାରାଜ କଂସଙ୍କ ରାଜ ଦରବାରରେ ଆଜି ରାଜଅତିଥି ଭାବରେ ଓଡ଼ିଶା ସିନେ ଜଗତର ବରିଷ୍ଠ ଅଭିନେତା ଅଶ୍ରୁମୋଚନ ମହାନ୍ତି, ପ୍ରଦ୍ୟୁମ୍ନ ଲେଙ୍କା, 'ଜଙ୍ଗଲ ଜଳୁଛେ'ର ପ୍ରଯୋଜିକା ନିବେଦିତା ବଳିୟାର ସିଂ, ମୀନା ମହାରଣା ଯୋଗ ଦେଇଥିଲେ।









# ଓରମାସ୍ ପକ୍ଷରୁ ଅନୁଷ୍ଠିତ ପଲ୍ଲୀଶ୍ରୀ ମେଳା ଉଦ୍‌ଘାଟିତ



**ବରଗଡ଼,୬। ୧(ସମିସ):** ବରଗଡ଼ ଜିରା ନଦୀ ପଠାରେ ଓରମାସ୍ ପକ୍ଷରୁ ଅନୁଷ୍ଠିତ ହେଉଥିବା ପଲ୍ଲୀଶ୍ରୀ ମେଳାକୁ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ଉଦଘାଟନ କରିଥିଲେ। ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ବିଜେପୁର ବିଧାୟକ ସନତ ଗଡ଼ତିଆ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ବରଗଡ଼ ପୌର ପରିଷଦ ଅଧ୍ୟକ୍ଷା କଳ୍ପନା ମାଝୀ, ଜିଲ୍ଲା ମୁଖ୍ୟ ପ୍ରକଳ୍ପ ଉନ୍ନୟନ ଅଧିକାରୀ ଲଲାଟ ଲୁହା, ଓରମାସ ଡେପୁଟି ସିଇଓ ପ୍ରଶାନ୍ତ କୁମାର ଦାଶ, ମଧୁସୂଦନ ସେଠୀ, ରାମଚନ୍ଦ୍ର ଦାଶ, ଯୋଗେଶ ଦାଶ, ସୂରଜ୍ କୁମାର ପଟ୍ଟନାୟକ ପ୍ରମୁଖ ବହୁ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ। ୧୮୦ ଟି ଖୁବ୍ ସୁନ୍ଦର ଷ୍ଟଲ୍ ନିର୍ମାଣ ହୋଇଛି। ରାଜ୍ୟ ତଥା ରାଜ୍ୟ ବାହାରୁ ବି ବହୁ ଅନୁଷ୍ଠାନ ଚଳିତ ବର୍ଷ ନିଜ ନିଜ ଅଞ୍ଚଳର ସାମଗ୍ରୀ ସବୁ ଆଣିଛନ୍ତି।

## 'ମା' ଯଶୋଦାଙ୍କ ଅଭିନୟ କୋଟି ଜନ୍ମର ଫଳ'



**ବରଗଡ଼,୬ ।୧, (ସମିସ):** ଇଞ୍ଜିନିୟର ମୁଗ୍ଧା ଦାଶ ଜଣେ ଉଚ୍ଚଶିକ୍ଷିତା ହୋଇ ବି ବିଗତ ତିନିବର୍ଷ ହେଲା ଗୋପପୁରରେ ମାତା ଯଶୋଦାଙ୍କ ଭୂମିକାରେ ଅଭିନୟ କରିଆସୁଛନ୍ତି। ଏହା ପୂର୍ବରୁ କ୍ରମାଗତ ଦୁଇବର୍ଷ କଣ୍ଠଶିଳ୍ପୀ ହିସାବରେ ମଥୁରା ନଗରୀର ରାଜଦାରବାରରେ ଯୋଗ ଦେଇଥିଲେ। ତା' ପରେ ୨୦୨୩ ରୁ କ୍ରମାଗ୍ରତ ଭାବରେ ଶ୍ରୀକୃଷ୍ଣଙ୍କ ମାତା ଯଶୋଦା ଭୂମିକାରେ ଗୋପପୁରରେ ସେ ଅଭିନୟ କରିଆସୁଛନ୍ତି। ମାତା ଯଶୋଦା ଭୂମିକାରେ ମୋର ନିଖୁଣ ଅଭିନୟ ଦର୍ଶକଙ୍କ ହୃଦୟକୁ ଛୁଇଁପାରିଛି। ପୂର୍ବ ଜନ୍ମରେ କିଛି ଭଲ କାମ କରିଥାଇପାରେ ବୋଲି ଏ ଜନ୍ମରେ ଭଗବାନ ଶ୍ରୀକୃଷ୍ଣଙ୍କ ମାତା ଯଶୋଦା ଭୂମିକାରେ ଅଭିନୟ କରିବାର ସୁଯୋଗ ମିଳିଛି । ଏହା କୋଟି ଜନ୍ମର ଫଳସ୍ୱରୂପ। ସେଥିପାଇଁ ମୁଁ ନିଜକୁ ବହୁ ଧନ୍ୟ ମନେକରୁଛି ବୋଲି କୋହଭରା କଣ୍ଠରେ କହିଛନ୍ତି ମୁଗ୍ଧା।

## ବିଜେପୁର ବିଧାୟକଙ୍କ କୋଳରେ ବସିଲେ ଭଟ୍‌ଲି ବିଧାୟକ



**ବରଗଡ଼,୬। ୧(ସମିସ):** ବରଗଡ଼ର ନୂତନ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀଙ୍କ ଜବରଦସ୍ତ ଜୋସ୍ ଦେଖିବାକୁ ମିଳିଛି। ତା ସହ ଜିଲ୍ଲାର ବିଜେପୁର ବିଧାୟକ ସନତ ଗଡ଼ତିଆ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ,ଅତାବିରା ବିଧାୟକ ନିହାର ମହାନନ୍ଦ ସମସ୍ତେ ନିଜର ସମୟ ବାହାର କରି ବରଗଡ଼କୁ ଆସି ସମସ୍ତ କାର୍ଯ୍ୟର ତଦାରଖ କରୁଛନ୍ତି। ତେବେ ଗତକାଲି ମହାରାଜ କଂସଙ୍କ ରାଜ ଦରବାରକୁ ସୁସଜ୍ଜିତ ରଥରେ ଯିବାବେଳେ ବିଜେପୁର ବିଧାୟକ ସନତ ଗଡ଼ତିଆ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟଙ୍କୁ ନିଜ କୋଳରେ ବସାଇଥିଲେ। ଆଉ ତାଙ୍କ ପାର୍ଶ୍ୱରେ ବସିଥିଲେ ବରଗଡ଼ ବିଧାୟକ। ଏମିତି ଏକ ଦୃଶ୍ୟ ଲୋକଙ୍କ ମନରେ ଖୁସି ଆଣିବା ସହ ସମସ୍ତେ ଯାତ୍ରାର ମଜା ନେଉଥିବା ଦେଖାଯାଇଥିଲା।

## ମୀନାବଜାରରେ ଅଳିଆ ଭର୍ତ୍ତି



ବରଗଡ଼,୬ । ୧(ସମିସ): ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାର ଅନ୍ୟତମ ଆକର୍ଷଣ ହେଉଛି ମୀନାବଜାର। ଏଠାରେ ବିଭିନ୍ନ ପ୍ରକାରର ଜିନିଷ ସବୁ ମିଳିଥାଏ। ଛୋଟ ଛୁଆଠୁ ବୟସ୍କ ସମସ୍ତଙ୍କ ପ୍ରବଳ ଭିଡ଼ ମିନାବଜାରରେ। ହେଲେ ଆଜି ଚତୁର୍ଥ ଦିନ ହେଲାଣି ସଫେଇ ଟିକେ ବି ହେଉନି। ଚାରିଆଡ଼େ ଅଳିଆ ଆବର୍ଜନା ଭରି ରହିଛି। ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟିଦେବାକୁ ଜନସାଧାରଣ ଦାବି କରିଛନ୍ତି।

# ଧନୁଯାତ୍ରାର ସାଇଡ୍ ଇଫେକ୍ଟ

**ବରଗଡ଼,୬ ।୧(ସମିସ):**

ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ଜମି ଆସୁଛି। ବରଗଡ଼ ଜିଲ୍ଲା ପ୍ରଶାସନ ଦ୍ୱାରା ଆୟୋଜିତ ଏହି ୧୧ ଦିନର ଯାତ୍ରାରେ ଲକ୍ଷ ଲକ୍ଷ ଲୋକଙ୍କ ସମାଗମ ହେଉଥିବା ବେଳେ ଏହାକୁ ପୁରୀ ରଥଯାତ୍ରା ଓ କଟକ ବାଲିଯାତ୍ରା ଭଳି ଆୟୋଜନ କରିବାରେ ଅନେକ ଚେଷ୍ଟା ସତ୍ୱେ ପ୍ରଶାସନ ସଫଳ ହୋଇପାରିନାହିଁ। ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।



ପ୍ରଥମତଃ, ସହରର ଜନଗହଳି ଅଞ୍ଚଳରେ ଏହିଭଳି ଏକ ବୃହତ୍ ଯାତ୍ରା ଆୟୋଜନ କରି ଏକ ବଡ଼ ବିପଦକୁ ଆହ୍ୱାନ କରାଯାଉଛି। କୌଣସି କାରଣବଶତଃ, ଯଦି କିଛି ଦଳାଚକଟା ବା ଅଗ୍ନିକାଣ୍ଡ ଘଟିଯାଏ, ଶହଶହ ଲୋକ ମୃତାହତ ହେବାର ଆଶଙ୍କା ରହିଛି। ସୌଭାଗ୍ୟବଶତଃ, ଏହି ଯାତ୍ରାରେ ଆଜି ପର୍ଯ୍ୟନ୍ତ କିଛି ସେଭଳି ଅଘଟଣ ଘଟିନାହିଁ। କିନ୍ତୁ, ପ୍ରବଳ ଭିଡ଼ର ସୁଯୋଗ ନେଇ ଦୁର୍ବୃତ୍ତମାନଙ୍କ ଦ୍ୱାରା ପକେଟମାର, ସୁନା ଅଳଙ୍କାର ଲୁଟ୍, ମହିଳାମାନଙ୍କୁ ଦୁର୍ବ୍ୟବହାର ନିୟନ୍ତ୍ରଣ ବାହାରେ। ଅସାମାଜିକ ବ୍ୟକ୍ତିଙ୍କ ଦୌରାତ୍ମ୍ୟ ଯୋଗୁଁ ମହିଳାମାନେ ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି। ପୁଲିସ ମୁଖ୍ୟରାସ୍ତାରେ ଟ୍ରାଫିକ ନିୟନ୍ତ୍ରଣ କରିବାରେ ବ୍ୟସ୍ତ; କିନ୍ତୁ ଯାତ୍ରା ସଂଲଗ୍ନ ଅଣଓସାରିଆ ରାସ୍ତାରେ ମୀନାବଜାରକୁ ଯାଉଥିବା ଜର୍ଜ ହାଇସ୍କୁଲ ରାସ୍ତା, ମହାରାଜ ହୋଟେଲ ରାସ୍ତା, ଶିବାନନ୍ଦ ନଗର ରାସ୍ତା ; ରାଜ ଦରବାରକୁ ଯାଉଥିବା ପିପଲାନି ହୋଟେଲ ରାସ୍ତା, ଉମା ଟକିଜ ରାସ୍ତା, ରଙ୍ଗମହଲକୁ ଯାଉଥିବା ମିନି ଷ୍ଟାଡିୟମ ରାସ୍ତା, ବସଷ୍ଟାଣ୍ଡ ରାସ୍ତା ଇତ୍ୟାଦି ଉପଯୁକ୍ତ ଯୋଜନା ଅଭାବରୁ ଟ୍ରାଫିକ ସମସ୍ୟା ଅନିୟନ୍ତ୍ରିତ ହୋଇଥାଏ।

- ଲକ୍ଷାଧିକ ଲୋକଙ୍କ ପାଇଁ ଶୌଚାଳୟ ବ୍ୟବସ୍ଥା ନାହିଁ
- ମୀନାବଜାର ଭିତରେ ବଢ଼ୁଛି ପକେଟ୍ ମାର ଓ ଲୁଟ୍‌ପାଟ୍

ଏହି ଅଣଓସାରିଆ ରାସ୍ତାଗୁଡ଼ିକ ଯାତ୍ରା ସମୟର ଲକ୍ଷ ଲକ୍ଷ ଲୋକଙ୍କ ଯାତାୟାତ ସମ୍ଭାଳିବାକୁ ଅସମର୍ଥ ମନେ ହେଉଛି। ତେଣୁ, ଯାତ୍ରା ସମୟରେ ୱାନ-ୱେ ସିଷ୍ଟମ ହିଁ ଏହିଭଳି ସରୁ ରାସ୍ତାରେ ଟ୍ରାଫିକ ନିୟନ୍ତ୍ରଣ କରିବାର ଏକମାତ୍ର ପନ୍ଥା। ଦ୍ୱିତୀୟତଃ, ଏହି ଯାତ୍ରା ସହର ଭିତରେ ହେଉଥିବାରୁ ଯାତ୍ରାସ୍ଥଳ ନିକଟସ୍ଥ ଜନବସତିର ଲୋକେ ବିଶେଷ ପ୍ରଭାବିତ ହେଉଛନ୍ତି। ଉଦାହରଣ ରୂପେ ଜର୍ଜ ହାଇସ୍କୁଲ ପଡ଼ିଆ ନିକଟସ୍ଥ ରାଧାରାଣୀ ବିହାର (ବ୍ରହ୍ମକୁମାରୀ ଆଶ୍ରମ ଗଳି)କୁ ନିଆଯାଉ। ଏଠାରେ ପ୍ରାୟ ୮୦/୧୦୦ ପରିବାର ବାସ କରୁଛନ୍ତି। ଏମାନଙ୍କର ମୁଖ୍ୟ ଓସାରିଆ ରାସ୍ତା ହେଉଛି ପଡ଼ିଆର ପ୍ରଥମ ଗେଟ୍ ସଂଲଗ୍ନ ଜର୍ଜ ହାଇସ୍କୁଲ ରାସ୍ତା। ଏହି ପଡ଼ିଆରେ ଯାତ୍ରାର ମୁଖ୍ୟ ଆକର୍ଷଣ ମୀନାବଜାର ହେଉଥିବାରୁ ଲୋକାରଣ୍ୟ ହୋଇଥାଏ। ଅନୁମତି ପତ୍ର ନ ଥିଲେ ନିଜ ଘରକୁ ମଧ୍ୟ ଯିବା ମନା। ଆଉ ଅନୁମତି ପତ୍ର ଥିଲେ ମଧ୍ୟ ଯାତ୍ରା ଦିନଗୁଡ଼ିକରେ ଅସମ୍ଭାଳ ଭିଡ଼ ଯୋଗୁଁ ନିଜ କାର୍ଯ୍ୟସ୍ଥଳରୁ ଘରକୁ ଆସିବା ସମ୍ଭବ ହୋଇ ନଥାଏ। କୌଣସି ବ୍ୟକ୍ତି ଅସୁସ୍ଥ ହେଲେ ଆମ୍ବୁଲାନ୍ସ ପ୍ରବେଶ କରିବା ଅସମ୍ଭବ। ଏହି ଅଞ୍ଚଳକୁ ଆସୁଥିବା ପ୍ରବେଶ ପଥରେ ଯଥେଷ୍ଟ ଆଲୋକ ସୁବିଧା ନ ଥିବା ହେତୁ ଲୋକେ ମଳମୂତ୍ର ତ୍ୟାଗ କରି ଉକ୍ତ ସ୍ଥାନକୁ ଅପରିଷ୍କାର କରି ପକାଉଛନ୍ତି । ଉକ୍ତ ଦିନମାନଙ୍କରେ ଏହି ଅଞ୍ଚଳବାସୀ ସମସ୍ୟା ଜର୍ଜରିତ ଅବସ୍ଥାରେ ସମୟ କାଟିଥାନ୍ତି। ଅପେକ୍ଷା କରିଥାନ୍ତି, କେବେ ଧନୁଯାତ୍ରା ସରିବ ! ପ୍ରଶାସନ ଏହା ଉପରେ ଦୃଷ୍ଟି ଦେଉନାହିଁ।

ଏକ ନିର୍ଦ୍ଦିଷ୍ଟ ସୁଚିନ୍ତିତ ଯୋଜନା ଅନୁଯାୟୀ ଏହି ବିରାଟ ମହୋତ୍ସବ ଆୟୋଜିତ ହେଲେ ଏହାକୁ ବରଗଡ଼ବାସୀ ତଥା ବାହାରୁ ଆସୁଥିବା ଲୋକେ ଆନନ୍ଦର ସହିତ ଉପଭୋଗ କରିପାରିବେ। ସ୍ଥାନୀୟ ଓ ଦୂରଦୂରାନ୍ତରୁ ବେପାର କରିବା ପାଇଁ ଆସିଥିବା ଲୋକେ କିଛି ଉପାର୍ଜନ କରିପାରିବେ। ଫଳରେ ଏହି ଯାତ୍ରା ଆହୁରି ପ୍ରସିଦ୍ଧି ଲାଭ କରିପାରିବ।

- ଧନୁଯାତ୍ରା ମୀନାବଜାର ପଡ଼ିଆରେ ରକ୍ତଦାନ ଶିବିର

## ୬୦ ୟୁନିଟ୍ ରକ୍ତ ସଂଗୃହୀତ



ବରଗଡ଼,୫ ।୧(ସମିସ): ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ଅବସରରେ ପ୍ରଥମ ଥର ପାଇଁ ମିନା ବଜାର ପଡ଼ିଆରେ ଭ୍ରାମ୍ୟମାଣ ରକ୍ତ ସଂଗ୍ରହ ଯାନରେ ନିଷ୍ଠା ପରିବାର ତରଫରୁ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ରେଡ୍ ଡ୍ରପ୍ ମାରାଥନ ଅନୁଷ୍ଠିତ। ଏହି ଶିବିରରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶିବିରର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବରେ ବରଗଡ଼ର ପୂର୍ବତନ ଚେୟାରମ୍ୟାନ ପ୍ରଶାନ୍ତ ବେହେରା,ପିଡବ୍ଲୁଡିର ମୁଖ୍ୟ ନିର୍ବାହୀ ଯନ୍ତ୍ରୀ ଅରୁଣ ପାଣ୍ଡେ, ଅବନିକାନ୍ତ ପଣ୍ଡା, ଅମିତ ପଣ୍ଡା ଯୋଗ ଦେଇଥିଲେ। ଧନୁଯାତ୍ରା ପଡ଼ିଆରେ ଭ୍ରାମ୍ୟମାଣ ଯାନରେ ରକ୍ତଦେବା ପାଇଁ ଯୁବକ ଯୁବତୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ବରଗଡ଼ ରକ୍ତ ଭଣ୍ଡାର ଦ୍ୱାରା ସର୍ବମୋଟ ୬୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଧନୁଯାତ୍ରା ଦେଖି ଆସିବା ବେଳେ ରକ୍ତଦାନ କରିଥିବା ସମସ୍ତ ରକ୍ତଦାତାଙ୍କୁ ନିଷ୍ଠା ପରିବାର ତରଫରୁ ଧନ୍ୟବାଦ ଅର୍ପଣ କରାଯାଇଛି।

